

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୩୧ ମଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 31 MAY 2023
Vol.No. 34 ■ No. 143 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଅମିତ ଶାହ

## ମୃତକଙ୍କ ପରିବାରରୁ ଜଣକୁ ମିଳିବ ଚାକିରି: ଅନୁକମ୍ପା ରାଶି ଘୋଷଣା କଲେ ରାଜ୍ୟ ସରକାର




ନୂଆଦିଲ୍ଲୀ, ୩୦/୦୫ (ନି.ପ୍ର): ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ଅଶାନ୍ତ ହୋଇପଡ଼ିଥିବା ମଣିପୁରରେ ପହଞ୍ଚିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସେ ମଣିପୁରରେ ପହଞ୍ଚିବା କ୍ଷଣି କେନ୍ଦ୍ର ସରକାର ହିଂସା ଦ୍ୱାରା ପ୍ରାଣ ହରାଇଥିବା ଲୋକଙ୍କ ପରିବାର ବର୍ଗଙ୍କ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ବର୍ଗଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ମିଳିବ। ଆଜି ଶ୍ରୀ ଶାହ ହିଂସା ଦ୍ୱାରା ପ୍ରଭାବିତ ଚୁରାଚାନ୍ଦପୁର ଜିଲ୍ଲାରେ ପହଞ୍ଚିଥିଲେ। ଏଠାରେ ମହିଳମାନେ ତାଙ୍କୁ ଜାତୀୟ ପତାକା ଧରି ସ୍ୱାଗତ କରିଥିଲେ। କେବଳ କେନ୍ଦ୍ର ସରକାର ସମସ୍ୟାର ସମାଧାନ କରିପାରିବେ ବୋଲି ସେମାନେ ପୋଷ୍ଟର ମଧ୍ୟ ପ୍ରଦର୍ଶନ କରିଥିଲେ। ଏହାପୂର୍ବରୁ ଶ୍ରୀ ଶାହ ଇମ୍ଫାଲରେ ବିଭିନ୍ନ ପ୍ରଖ୍ୟାତ ବ୍ୟକ୍ତିବିଶେଷଙ୍କୁ ସାକ୍ଷାତ କରିଥିଲେ। ମଣିପୁର ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ସ୍ଥିତିର ସମୀକ୍ଷା ମଧ୍ୟ କରିଛନ୍ତି। ମଣିପୁରରେ କେମିତି ଶୀଘ୍ର ଶାନ୍ତି ଫେରିବ ଓ ସ୍ଥିତି ସ୍ୱାଭାବିକ ହେବ, ସେବାବଦରେ ଶାହ ଆଲୋଚନା କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କ ନେତୃତ୍ୱରେ ଗୋଟିଏ ଟିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟିଛନ୍ତି। ଏହି ପ୍ରତିନିଧି ଦଳ ମଣିପୁର ହିଂସାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତଦନ୍ତ କମିଟିର ମୁଖ୍ୟ ସୁପ୍ରିମକୋର୍ଟର କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତି ହେବା ଦରକାର ବୋଲି କଂଗ୍ରେସ ପକ୍ଷରୁ ଗୋଟିଏ ସ୍ମାରକପତ୍ର ଦିଆଯାଇଛି। ପ୍ରାୟ ମାସେ ହେଲାଣି ମଣିପୁରରେ ଆଦିବାସୀ ଓ ଅଣ ଆଦିବାସୀ ସଂପ୍ରଦାୟର ଲୋକଙ୍କ ମଧ୍ୟରେ ସଂଘର୍ଷ ଚାଲିଛି। ଏଥିରେ ପ୍ରାୟ ୮୦ ଜଣ ଲୋକଙ୍କ ମୃତ୍ୟୁ ହୋଇ ସାରିଲାଣି। ହିଂସାକୁ ଫାଇଦା ଉଠାଇବା ପାଇଁ ବିଭିନ୍ନ ଉଗ୍ରବାଦୀ ସଂଗଠନ ମଧ୍ୟ ଯୋଜନା କରିଛନ୍ତି। ସେମାନେ ସାଧାରଣ ଓ ସୁରକ୍ଷାକର୍ମୀଙ୍କ ଉପରେ ହମଲା କରି ସ୍ଥିତିକୁ ଆହୁରି ତୀବ୍ର କରୁଛନ୍ତି।

## ଡିଜିଟାଲ୍ ଉପାୟରେ ଲାଞ୍ଚ ନେଉଥିବା ଲୋକଙ୍କୁ ଚେତାବନୀ ଦେଲା ଭିଜିଲାନ୍ସ: ଗ୍ରହଣ କରାଯିବ କଡ଼ା କାର୍ଯ୍ୟାନୁଷ୍ଠାନ




ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଗତକାଲି ଫୋନପେ ଜରିଆରେ ଲାଞ୍ଚ ନେଇ ଟାଟା ପାୱାର ଅଧିକାରୀ ଧରାପଡ଼ିବା ପରେ ଡିଜିଟାଲ୍ ମୋଡରେ ଲାଞ୍ଚ ନେଉଥିବା ଦୁର୍ନୀତିଗ୍ରସ୍ତଙ୍କୁ ସାବଧାନ କରିଛି ଓଡ଼ିଶା ଭିଜିଲାନ୍ସ। ଏଥିରେ ଉଭୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଓଡ଼ିଶା ଭିଜିଲାନ୍ସ ଚେତାବନୀ ଦେଇଛି। ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଦୁଇଟି ମାମଲା ଏବଂ ଗତକାଲି ଯେଉଁ ନାମହୀନ ଚେକ୍ ମାଧ୍ୟମରେ ଲାଞ୍ଚ ନିଆଯାଇଥିବା ମାମଲା ସାମ୍ନାକୁ ଆସିଛି। ସମସ୍ତ ମାମଲାରେ ସରକାରୀ କର୍ମଚାରୀମାନଙ୍କୁ ସେମାନଙ୍କ ଫୋନ୍ ପେ / ବ୍ୟାଙ୍କ ଆକାଉଣ୍ଟରେ ଲାଞ୍ଚ ନେଇ ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି।

▶▶ପୃଷ୍ଠା ୭

## ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ: ରଜ ପରେ ଛୁଇଁପାରେ ଓଡ଼ିଶା

ଭୁବନେଶ୍ୱର , ୩୦/୦୫ (ନି.ପ୍ର): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଧୀରେ ଧୀରେ ଭାରତ ଆଡ଼କୁ ଅଗ୍ରସର ହେଉଛି। ସମ୍ପୂର୍ଣ୍ଣ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ , ଆଣ୍ଡାମାନ ସାଗର, ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରର କିଛି ଅଞ୍ଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହୋଇଛି । ପ୍ରଚଣ୍ଡ ଗୁଳୁଗୁଳି ଓ ତାତିରେ ହନ୍ତସନ୍ତ ରାଜ୍ୟବାସୀ, ୧୧.୩୦ ସୁଦ୍ଧା ୩୭ ଟପିଲା ରାଜଧାନୀର ପାରଦ ଉପଗ୍ରହରୁ ମିଳିଥିବା ତଥ୍ୟ ଅନୁସାରେ, ଏହି ଅଞ୍ଚଳଗୁଡ଼ିକରେ ପାଗ ମେଘୁଆ ରହିବା ସହ ବର୍ଷା ଲାଗିରହିଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ମାଳଦୀପ, କୋମୋରିନ ଅଞ୍ଚଳ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରର ଆହୁରି କିଛି ଭାଗ , କେନ୍ଦ୍ରୀୟ ବଙ୍ଗୋପସାଗରର ଆହୁରି କିଛି ଅଂଶ ତଥା ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବ ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି । ସ୍ଥିତି ଏପରି ରହିଲେ ଜୁନ୍ ୪ ଆଡ଼କୁ କେରଳରେ ମୌସୁମୀ ବର୍ଷା ଆରମ୍ଭ ହୋଇଯିବ ବୋଲି ଆକଳନ କରାଯାଉଛି। ରଜ ପରେ ଓଡ଼ିଶାକୁ ମୌସୁମୀ ଭିଜାଇବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି ।

## ଆଜି ପ୍ରକାଶ ପାଇବ ଯୁକ୍ତ ୨ ରେଜଲ୍ଟ

### ବଢ଼ିବ ଯୁକ୍ତ ୨ ସିଟ୍




ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଆସନ୍ତାକାଲି (ବୁଧବାର)ପ୍ରକାଶ ପାଇବ +୨ ପରୀକ୍ଷା ଫଳ। ପ୍ରଥମେ ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ ପ୍ରକାଶ ପାଇବ। ବୁଧବାର ପୂର୍ବାହ୍ନ ୧୧ଟାରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି। ପରବର୍ତ୍ତୀ ସମୟରେ କଳା ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସସି) ପରୀକ୍ଷା ନିୟନ୍ତ୍ରକ ଏହି ସୂଚନା ଦେଇଛନ୍ତି। ଓଡିଶାରେଜଲ୍ଟସ୍ ଡଟ୍ ଏନଆଇସି ଡଟ୍ ଇନ୍ ୱେବସାଇଟ୍ ରୁ ଛାତ୍ରଛାତ୍ରୀ ସେମାନଙ୍କ ରେଜଲ୍ଟ ଜାଣିପାରିବେ। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧ ତାରିଖରୁ ଯୁକ୍ତ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏପ୍ରିଲ୍ ୫ ତାରିଖରେ ଶେଷ ହୋଇଥିଲା । ଏପ୍ରିଲ୍ ୧୦ ତାରିଖରେ ଖାତା ଦେଖା ଆରମ୍ଭ ହୋଇଥିଲା । ଚଳିତ ବର୍ଷ ମୋଟ୍ ୧୧୪୫ ପରୀକ୍ଷା କେନ୍ଦ୍ରରେ ସାଢ଼େ ୩ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରୁ କଳାରେ ୨ଲକ୍ଷ ୧୯ହଜାର ୧୧୦, ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ଜଣ ଓ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ବଢ଼ିବ ଯୁକ୍ତ ୨ ସିଟ୍। ମାଟ୍ରିକ୍ ପରୀକ୍ଷାରେ ଚଳିତ ଥର ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଏବର୍ଷ ୯୬%ରୁ ଅଧିକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ପାସ୍ ହୋଇଛନ୍ତି।

▶▶ପୃଷ୍ଠା ୭

## ରାଜଭବନରେ ଗୋଆ ଦିବସ ପାଳିତ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ବିଭିନ୍ନତା ମଧ୍ୟରେ ଏକତା ଭାରତର ଶକ୍ତି ଓ ସୌନ୍ଦର୍ଯ୍ୟ । ଭାରତୀୟତାର ମହକ ଓ ଆଲୋକ ହିଁ ଆମର ପରିଚୟ । ଭାରତର ପରିଚିତିକୁ ଗୋଆ ବହୁ ଭାବରେ ପ୍ରକୀର୍ତ୍ତିତ କରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ମଙ୍ଗଳବାର ରାଜଭବନରେ ଗୋଆ ଦିବସ ପାଳନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୋଆର ଇତିହାସ ଓ ଐତିହ୍ୟ ସଂପର୍କରେ ଆଲୋଚନା କରି ଏକ ଭାରତ: ଶ୍ରେଷ୍ଠ ଭାରତର ଲକ୍ଷ୍ୟ ପାଳନରେ ବିଭିନ୍ନ ରାଜ୍ୟର ଦିବସ ପାଳନ ବିଶେଷ ଉପଲବ୍ଧି ବୋଲି କହିଥିଲେ । ଭୁବନେଶ୍ୱରରେ ରହୁଥିବା ଗୋଆର ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ରାଜଭବନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ହାଇୱା ଟ୍ରକ୍ ଧକ୍କାରେ ମାଆ ଓ ଝିଅ ମୃତ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଜଗତସିଂହପୁର ଜିଲ୍ଲାରେ ଏକ ହାଇୱା ଟ୍ରକ୍ ଧକ୍କାରେ ମାଆ ଓ ଝିଅଙ୍କ ମୃତ୍ୟୁ ହୋଇଛି । ଏହି ଦୁର୍ଘଟଣାରେ ବାପା ଓ ଅନ୍ୟ ଜଣେ ସନ୍ତାନ ଆହତ ହୋଇଛନ୍ତି । ଜଗତସିଂହପୁର ସହର ଉପକଣ୍ଠ ଡିହସାହିର ଚଷାପଡା ଛକ ଠାରେ ଏହି ଦୁର୍ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ସୂଚନାନୁଯାୟୀ, ଏକ ସ୍କୁଟିରେ ଏହି ପରିବାର ବାଲିକୁଦା ଅଭିମୁଖେ ଯାଉଥିବା ବେଳେ ଜଗତସିଂହପୁର ସହର ଉପକଣ୍ଠ ଡିହସାହିର ଚଷାପଡ଼ା ଛକ ଠାରେ ଏକ ହାଇୱା ଗାଡି ଧକ୍କା ଦେଇଥିଲା। ଫଳରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା।

## ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି



ଭୁବନେଶ୍ୱର, ୩୦/୦୫ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ସକାଳୁ ଖରାର ପ୍ରକୋପ ଆରମ୍ଭ ହୋଇଯାଉଛି। ଦିନ ୧୦ ଟା ପରେ ଘରୁ ବାହାରିବା କଷ୍ଟକର ହେଉଛି। ପଶ୍ଚିମ ଓଡିଶା ହେଉ ବା ଉପକୂଳ ଓଡିଶା ସବୁଠି ସମାନ ଚିତ୍ର। ମଙ୍ଗଳବାର ଅପରାହ୍ନରେ ରାଜଧାନୀ ସମେତ କଟକ ଓ ଆଖପାଖ ଅଂଚଳରେ କାଳବୈଶାଖୀ ପ୍ରଭାବରେ ତାପମାତ୍ରାରେ ହ୍ରାସ ଘଟିଥିଲା। ଭୁବନେଶ୍ୱର

▶▶ପୃଷ୍ଠା ୭

## ଉଦ୍ଧବ କ୍ୟାମ୍ପର ବଡ଼ ଦାବି: ସିନ୍ଦେଙ୍କଠାରୁ ଅଲଗା ହେବାକୁ ଚାହୁଁଛନ୍ତି ୨୨ ବିଧାୟକ ଓ ୯ ସାଂସଦ

ନୂଆଦିଲ୍ଲୀ,୩୦/୦୫ : ଉଦ୍ଧବର ଠାକରେଙ୍କ ଶିବସେନା(ୟୁବିଟି) ପକ୍ଷରୁ ବଡ଼ ଦାବି କରାଯାଇଛି। ୟୁବିଟିର ମୁଖପତ୍ର ସାମ୍ନାରେ ଦାବି କରାଯାଇଛି ଯେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର ୨୨ ଜଣ ବିଧାୟକ ଓ ୯ ଜଣ ସାଂସଦ ଏବେ ବିଜେପି ଉପରେ ଅସନ୍ତୁଷ୍ଟ ରହିଛନ୍ତି। ସେମାନେ ଦଳ ଛାଡ଼ିବାକୁ ଯୋଜନା କରୁଛନ୍ତି। ଶିବସେନା(ୟୁବିଟି) ସାଂସଦ ବିନାୟକ ରାଉତ କହିଛନ୍ତି ଯେ ସିନ୍ଦେଙ୍କ କ୍ୟାମ୍ପର ୨୨ ବିଧାୟକ ଓ ୯ ସାଂସଦ ଉଦ୍ଧବ କ୍ୟାମ୍ପର ଯୋଗାଯୋଗରେ ରହିଛନ୍ତି। ସେମାନଙ୍କ ନିର୍ବାଚନ ମଣ୍ଡଳୀରେ କୌଣସି ପ୍ରକାରର ବିକାଶ ହେଉ ନଥିବାରୁ ସେମାନେ ସିନ୍ଦେଙ୍କ ନେତୃତ୍ୱାଧୀନ ପାର୍ଟି ଛାଡ଼ିବାକୁ ଚାହୁଁଥିଛନ୍ତି। ରାଜ୍ୟର ମନ୍ତ୍ରୀ ଶମ୍ଭୁରାଜ ଦେଶାଇ ୧୫ ଦିନ ତଳେ ଉଦ୍ଧବ ଠାକରେଙ୍କୁ ମେସେଜ କରିଥିଲେ। ଏଥିସହ ବିଜେପି ଓ ସିନ୍ଦେଙ୍କ ମେଣ୍ଟରେ ସେ କେମିତି ଅଣନିଃଶ୍ୱାସୀ ହୋଇ ଯାଉଛନ୍ତି, ସେକଥା ମଧ୍ୟ କହିଥିଲେ ବୋଲି ଶ୍ରୀ ରାଉତ କହିଛନ୍ତି। ତେବେ ଦେଶାଇ ଏପରି ଦାବିକୁ ଖଣ୍ଡନ କରିଛନ୍ତି। ଏଥିସହ ରାଉତଙ୍କୁ କ୍ଷମା ମାଗିବା ପାଇଁ ନୋଟିସ କରିଛନ୍ତି।

▶▶ପୃଷ୍ଠା ୭

## ଆସନ୍ତା ଜୁନ ୧୨ରେ ବିଜେପି ବିରୋଧୀ ବୈଠକ କରିବେ ନୀତୀଶ: ଯୋଗ ଦେଇପାରନ୍ତି ୨୪ଟି ଦଳ



ନୂଆଦିଲ୍ଲୀ, ୩୦/୦୫ : ୨୦୨୪ ନିର୍ବାଚନ ପୂର୍ବରୁ ଏବେ ବିଜେପି ବିରୋଧରେ ଏକାଠି ହେବାକୁ ଅଂଟା ଭିଡ଼ିଲେଣି ବିରୋଧୀ ଦଳ । ତେବେ ବିରୋଧୀ ଦଳମାନଙ୍କୁ ଗୋଟିଏ ମଞ୍ଚକୁ ଆଣି ଏକତ୍ର ଲଢ଼ିବାର ପ୍ରୟାସରେ ଲାଗିପଡିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ଏହି ପରିପ୍ରେକ୍ଷୀରେ ଆସନ୍ତା ଜୁନ ୧୨ ତାରିଖରେ ନୀତୀଶ ବିହାରର ପାଟନାରେ ଏକ ବୈଠକ ଡ଼କାଇଛନ୍ତି । ମିଳିଥିବା ସୂଚନା ମୁତାବକ ବିଜେପିକୁ କ୍ଷମତାରୁ ହଟାଇବାକୁ ଚାହୁଁଥିବା ଦଳର ନେତାମାନଙ୍କୁ ଏହି ବୈଠକକୁ ନିମନ୍ତ୍ରଣ କରାଯିବ । ଜୁନ୍ ୧୨ରେ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ଦ୍ୱାରା ଏହି ବୈଠକ ଡକାଯାଇଛି, ଯେଉଁଥିରେ ୨୪ଟି ବିରୋଧୀ ଦଳ ଯୋଗ ଦେବାର ସମ୍ଭାବନା ରହିଛି । ବାସ୍ତବରେ ନୀତୀଶ କିଛିଦିନ ହେଲା ବିଭିନ୍ନ ରାଜ୍ୟ ଗସ୍ତରେ ଯାଇ ସେଠାରେ ଥିବା ଦଳର ନେତାମାନଙ୍କୁ ଭେଟୁଛନ୍ତି, ଯେଉଁମାନେ ବିଜେପି ବିରୋଧରେ ଲଢେଇ ପାଇଁ ରାଜି ଅଛନ୍ତି । ଜେଡିୟୁ ପକ୍ଷରୁ କୁହାଯାଇଛି ଯେ ନୀତୀଶ ଏପର୍ଯ୍ୟନ୍ତ ୧୮ଟି ଦଳ ସହିତ ଆଲୋଚନା କରିସାରିଛନ୍ତି ଓ ଅବଶିଷ୍ଟ ଦଳଗୁଡିକ ସହ କିଛି ଦିନ ମଧ୍ୟରେ ଆଲୋଚନା କରିବେ। ଜଣେ ଜେଡିୟୁ ନେତା କହିଛନ୍ତି ଯେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଭିନ୍ନ ଦଳର ନେତାଙ୍କ ସହ ଆଲୋଚନା କରିଛନ୍ତି । ଜୁନ୍ ୧୨ରେ ପାଟନାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅତି କମରେ ୨୪ଟି ରାଜନୈତିକ ଦଳ ଭାଗନେବେ ବୋଲି ଆଶା କରାଯାଉଛି। ଜେଡିୟୁ ୧୮ଟି ଦଳ ସହ ଆଲୋଚନା କରିଛି, ଅବଶିଷ୍ଟ ୬ଟି ଦଳ ସହ କିଛି ଦିନ ମଧ୍ୟରେ ଆଲୋଚନା ହେବ। ଜେଡିୟୁ ନେତା କହିଛନ୍ତି ଯେ ମିଳିତ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ କିଏ ହେବ ସେନେଇ ଜେଡିୟୁ ଚିନ୍ତା କରୁନାହିଁ। ବିରୋଧୀ ଦଳର ଜଣେ କିମ୍ବା ଦୁଇଜଣ ବରିଷ୍ଠ ନେତାଙ୍କୁ ମିଳିତ ମଞ୍ଚର ମଧ୍ୟସ୍ଥତା ପାଇଁ ମନୋନୀତ କରାଯିବ ଯେଉଁମାନେ ସମସ୍ତ ଅଣ-ଏନଡିଏ ଦଳ ସହ ଆଲୋଚନା କରିବେ।"

## ଗଙ୍ଗାରେ ପଦକ ପକାଇଲେନି ପହଲମାନ: ସରକାରଙ୍କୁ ଦେଲେ ଆଉ ୫ ଦିନ ମହଲତ



ନୂଆଦିଲ୍ଲୀ,୩୦/୦୫ : ଭାରତୀୟ କୁସ୍ତି ସଂଘର ସଭାପତି ତଥା ଭାରତୀୟ ଜନତା ପାର୍ଟି (ବିଜେପି) ସାଂସଦ ବ୍ରଜଭୂଷଣ ସିଂହଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା କୁସ୍ତିଯୋଦ୍ଧାମାନେ ସେମାନଙ୍କ ପଦକଗଙ୍ଗା ନଦୀରେ ଫିଙ୍ଗିବା ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି। ହରିଦ୍ୱାରର ହର କେ ପୌଡିରେ ଉପସ୍ଥିତ ଥିବା ସମସ୍ତ କୁସ୍ତିଯୋଦ୍ଧା ଏବେ ପ୍ରତ୍ୟାହାର କରିନେଇଛନ୍ତି । ବ୍ରଜ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁସ୍ତିଯୋଦ୍ଧାମାନେ ଏବେ ୫ ଦିନର ମହଲତ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏହି କୁସ୍ତିଯୋଦ୍ଧା ତାଙ୍କ ପଦକ ନେଇ ହରିଦ୍ୱାରରେ ପହଞ୍ଚିଥିଲେ । ହରିଦ୍ୱାରରେ ପହଞ୍ଚିବା ପରେ ଏହି କୁସ୍ତିଯୋଦ୍ଧାମାନେ କହିଥିଲେ ଯେ ଯେତେବେଳେ ସରକାର ଆମ କଥା ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି କିମ୍ବା ଅଭିଯୁକ୍ତ ସାଂସଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି, ସେତେବେଳେ ଦେଶ ପାଇଁ ଏହି ପଦକ ଜିତିବାର କ'ଣ ଲାଭ ? ଭିନେଶ ଫୋଗାଟ, ବଜରଙ୍ଗ ପୁନିଆ, ସଙ୍ଗୀତା ଫୋଗାଟ, ସାକ୍ଷୀ ମଲିକଙ୍କ ସମେତ ବହୁ ଶୀର୍ଷ ପ୍ରତିବାଦକାରୀ କୁସ୍ତିଯୋଦ୍ଧା ହରିଦ୍ୱାରରେ ପହଞ୍ଚିଛନ୍ତି। ଏହି କୁସ୍ତିଯୋଦ୍ଧାମାନେ ବ୍ରିଜ ଭୂଷଣ ଶରଣ

▶▶ପୃଷ୍ଠା ୭

# ରଜପର୍ବକୁ ନେଇ ଆରମ୍ଭ ହେଲା ରଜ କୁଇନ୍ ଅଡ଼ିସନ

ହରିଚନ୍ଦନପୁର, ୩୦/୦୫ (ନି.ପ୍ର): ରଜ ଓଡ଼ିଶାର ଗଣପର୍ବ, ଏହା ରାଜ୍ୟର ଏକ ପାରମ୍ପରିକ ପର୍ବ। ରଜ ଆଉ କିଛି ଦିନ ବାକି ରହିଥିବା ବେଳେ ଆଜିଠାରୁ ପୁର ପଲ୍ଲୀରେ ରଜ ଅନୁଷ୍ଠାନ ଗୁଡ଼ିକ ଖୁବ୍ ଧୁମ୍ ଧାମରେ ସଜବାଜ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ବରଗୋଡ଼ା ଗ୍ରାମ କଳିଙ୍ଗ ଯୁବକ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ନେତୃତ୍ୱରେ ଖୁବ ଧୁମ୍ ଧାମରେ ଆରମ୍ଭ ହୋଇଛି ରଜ କୁଇନ ଅଡ଼ିସନ । ରଜ କୁଇନ ଅଡିସନରେ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ବରିଷ୍ଠ ଓ କନିଷ୍ଠ ଦୁଇଟି ବର୍ଗରେ ଝିଅମାନେ ଯୋଗଦେଇ ଆଡ଼ିସନ୍ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ନୃତ୍ୟ, ଗୀତ, ନାଚ ଓ କଳା ସଂସ୍କୃତିକୁ ନେଇ ଜ୍ଞାନଭିତିକ ନିଜର ଦକ୍ଷତାକୁ ପ୍ରଦର୍ଶନ କରିଥିଲେ । ବିଚାରକ ଭାବେ କଳ୍ପତରୁ ଆଚାର୍ଯ୍ୟ, ଶାନ୍ତନୁ କୁମାର ରାଉତ, ବିଶ୍ୱଜିତ ବେଜ, ଲତାଶା ରାଉତ, ଅକ୍ଷୟ କୁମାର ପଲେଇ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ କଳିଙ୍ଗ ଯୁବକ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ନରହରି ସାହୁଙ୍କ ସମେତ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ଅଡ଼ିସନ ପରିଚାଳନାରେ ସହଯୋଗ କରିଥିଲେ ।

# ଅନୁମୋଦନ ନ ଥାଇ ଖର୍ଚ୍ଚ ହୋଇଛି ସରକାରୀ ଅର୍ଥ

## ନାକଚୁଣି ପାଟ ଇକୋ ଟୁରିଜିମ୍ ପ୍ରକଳ୍ପରେ ସ୍ଥିତାବସ୍ଥା ଜାରି କଲେ ହାଇକୋର୍ଟ

କଟକ, ୩୦/୦୫ (ନି.ପ୍ର): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ର ପ୍ରସ୍ତାବିତ ନୂଆପାଟଣା ନାକଚୁଣି ପାଟ ଇକୋ ଟୁରିଜିମ୍ ପ୍ରକଳ୍ପକୁ ଧକ୍କା ଲାଗିଛି। ବେଆଇନ ଭାବେ ଚିହ୍ନଟ କରାନଯାଇ ନାକଚୁଣି ପାଟକୁ ଖୋଲାଯାଉଥିବା ସଂପର୍କରେ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ସ୍ଥିତାବସ୍ଥା ଜାରି କରିବା ସହ ଟାଙ୍ଗୀ-ଚେ?ଦ୍ୱାର ବିଡିଓ, କନିଷ୍ଠଯନ୍ତ୍ରୀ, କୟଳପଡା ପଂଚାୟତ ଓ ରଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି। ତେବେ, ଏଭଳି କୌଣସି ଅନୁମୋଦିତ ପ୍ରକଳ୍ପ ପାଇଁ ରୂପରେଖ (ଲେ'ଆଉଟ୍) କରାଯାଇ ନଥିବା ହାଇକୋର୍ଟରେ ଶୁଣାଣି ସମୟରେ ସ୍ୱଷ୍ଟ ହୋଇଥିବା ବେଳେ ଏପଟେ ପ୍ରକଳ୍ପ ପାଇଁ ୧୯ଏକର ପାଣିପାଟକୁ ବେଆଇନ ଭାବେ ଖୋଲାଯାଉଥିବା ଓ ସଂଯୋଗୀକରଣ ରାସ୍ତା ନିର୍ମାଣ ନେଇ ହୋଇଥିବା ସରକାରୀ ଅନୁଦାନ ଖର୍ଚ୍ଚ ଉପରେ ଏବେ ପ୍ରଶ୍ନ ଉଠିଲାଣି । ଏହି ପ୍ରକଳ୍ପ ପାଇଁ କ୍ରିଟିକାଲ୍ ଫଣ୍ଡ ଓ ବିଧାୟକ ପାଣ୍ଠିରୁ କୋଟିଏ ଟଙ୍କା ମଂଜୁର କରାଯାଇଥିବା ବେଳେ ଏହି ଟଙ୍କା ଖର୍ଚ୍ଚକୁ ନେଇ ଏବେ ଆପତ୍ତି ଉଠିଲାଣି। କେବଳ ସେତିକି ନୁହେଁ, ଏହି ପାଟକୁ ଖୋଲି ବେଆଇନ ଭାବେ ଟ୍ରିପ୍ ଟ୍ରିପ୍ ମାଟି ଉଠାଯାଇ କଟକରେ ହେଉଥିବା ଏକ କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏସଂପର୍କରେ ଟାଙ୍ଗୀ-ଚୌଦ୍ୱାର ବିଡିଓ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀଙ୍କୁ କିଛି ଗ୍ରାମବାସୀ ଅଭିଯୋଗ କରିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ନୂଆପାଟଣା ମେ?ଜାର ନ?ାକଚୁଣି ପାଟରେ ଇକୋ ଟୁରିଜିମ୍ ପ୍ରକଳ୍ପ କରାଯିବା ନେଇ ଘୋଷଣା କରାଯାଇଥିଲା । ୧୯ଏକର ସ୍ଥାନରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବ। ଏହି ପ୍ରକଳ୍ପ ହେଲେ ସେହି ଅଂଚଳରେ ପର୍ଯ୍ୟଟନର ବିକାଶ ହେବା ସହ ଅନେକ ନୂଆ ଭିତ୍ତିଭୂମି ହୋଟେଲ ଶିଳ୍ପ ଆଦି ସ୍ଥାପନ ହେବ। ଏଥିପାଇଁ ଜିଲ୍ଲା ଯୋଜନା ବୋର୍ଡର କ୍ରିଟିକାଲ ପାଣ୍ଠିରୁ ୨୦୧୭-୧୮ରେ ଆସିଥିବା ୨କୋଟି ୬୨ଲକ୍ଷ ଅନୁଦାନରୁ ୫୦ଲକ୍ଷ ଟଙ୍କା ସ୍ୱତନ୍ତ୍ର ଭାବେ ପ୍ରକଳ୍ପ ପାଇଁ ଦିଆଯାଇଥିଲା। ସେହି ଟଙ୍କାରେ ପ୍ରକଳ୍ପସ୍ଥଳୀର ଉନ୍ନତି, ବିଦ୍ୟୁତ୍‌କରଣ ଇତ୍ୟାଦି ଉନ୍ନୟନ କାର୍ଯ୍ୟ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ତେବେ ଆଜି ପର୍ଯ୍ୟନ୍ତ ଏହି ଅନୁଦାନରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁସ୍ଥାନରେ ଖର୍ଚ୍ଚ କରାଯାଇଛି ସେ ସଂପର୍କରେ କୌଣସି ତଥ୍ୟ ବା କାର୍ଯ୍ୟର ବିନିଯୋଗ ପ୍ରମାଣପତ୍ର ସଂପର୍କରେ ବାରମ୍ବାର ତଥ୍ୟ ମଗାଯାଉଥିଲେ ସୁଦ୍ଧା ଟାଙ୍ଗୀ-ଚୌଦ୍ୱାର ବିଡିଓ ଦେଉ ନଥିବା ଜଣାପଡିଛି। ଫଳରେ ଉକ୍ତ ଅର୍ଥ ପ୍ରସ୍ତାବିତ କାମରେ ବିନିଯୋଗ କରା ନଯାଇ ଅନ୍ୟ କାର୍ଯ୍ୟରେ ତଥା ସଂଯୋଗୀକରଣ ରାସ୍ତା ନିର୍ମାଣରେ ଖର୍ଚ୍ଚ କରାଯାଇଥିବା କୁହାଯାଉଛି। ଉକ୍ତ ଅନୁଦାନକୁ ଅନ୍ୟତ୍ର ଖର୍ଚ୍ଚ କରାଯିବାକୁ ହେଲେ ଜିଲ୍ଲା ଯୋଜନା ଓ ସମନ୍ୱୟ ବିଭାଗକୁ ଏସଂପର୍କରେ ସୂଚିତ କରାଯିବା କଥା। ହେଲେ ସେଭଳି କିଛି କରାଯାଇ ନଥିବା ଜଣାପଡିଛି। ଅନ୍ୟପଟେ ସେହି ଅନୁଦାନରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାରୁ ଏନ୍-ଏଚ୍ ୫୫କୁ ସଂଯୋଗ କରୁଥିବା ରାସ୍ତା ତିଆରି ହୋଇଛି। ସେହି ପର୍ଯ୍ୟଟନ ପ୍ରକଳ୍ପ ପାଇଁ ବିଧାୟକ ଉନ୍ନୟନ ପାଣ୍ଠିରୁ ବି ୫୦ଲକ୍ଷ ଟଙ୍କା ଦିଆଯାଇଥିଲା। ଏବେ ଏଭଳି ପର୍ଯ୍ୟଟନ ପ୍ରକଳ୍ପ ହେବା ନେଇ ଏକପ୍ରକାର ଅନିଶ୍ଚିତତା ଦେଖାଦେବା ପରେ ଅନୁଦାନ ପାଣ୍ଠି ଖର୍ଚ୍ଚକୁ ନେଇ ପ୍ରଶ୍ନ ଉଠିଛି। ହାଇକୋର୍ଟ ନାଗଚୁଣି ପାଟ ପୋଖରୀ ଖନନକୁ ନେଇ ସ୍ଥିତାବସ୍ଥା ଜାରି କରିବା ପରେ ଏହି ପ୍ରକଳ୍ପର ଭାଗ୍ୟ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।



## ୫୮ କୋଟି ଟଙ୍କା ବ୍ୟୟ ବରାଦରେ ବିଶ୍ୱସ୍ତରୀୟ ହେବ ଭିତରକନିକା ଜାତୀୟ ଉଦ୍ୟାନ

କେନ୍ଦ୍ରାପଡ଼ା, ୩୦/୦୫ (ନି.ପ୍ର): ବିଶ୍ୱ ବିଖାତ ପର୍ଯ୍ୟଟନ କେନ୍ଦ୍ର ତଥା ଜୈବ ବିବିଧତାର ଗନ୍ତାଘର ଭିତରକନିକା ରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ତଥା ସୁବିଧା ସୁଯୋଗ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ । ୫୮ କୋଟି ଟଙ୍କା ବ୍ୟୟରେ ଭିତରକନିକାରେ ସୂଚନା କେନ୍ଦ୍ର, ୱାଚ୍ ଟାୱାର, ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର, ସେଲଫି ପଏଂଟ ପ୍ରଭୃତି ନିର୍ମାଣ କରାଯିବ। ଭିତରକନିକା ର ଜଙ୍ଗଲ ମଧ୍ୟରେ ଚାରି ମହଲା ବିଶିଷ୍ଟ ୱାଚ୍ ଟାୱାର ନିର୍ମାଣ ହେବାକୁ ଥିବା ବେଳେ ଡାଙ୍ଗମାଳ ଠାରେ ପର୍ଯ୍ୟଟକମାନେ ଫଟୋ ଉଠାଇବା ପାଇଁ ସେଲଫି ପଏଂଟ ନିର୍ମାଣ କରାଯିବ । ଏହାସହ ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର ନିର୍ମାଣ କରାଯାଇ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନର ସୁବିଧା ସୁଯୋଗ ପ୍ରସ୍ତୁତ କରାଯିବ। ଭିତରକନିକାର ପ୍ରବେଶ ପଥରେ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଭିତରକନିକା ର ସମଗ୍ର ଇତହାସ, ଭୌଗୋଳିକ ଅବସ୍ଥିତି, ଜୈବ ବିବିଧତାର ସୂଚନା ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ ମାନଙ୍କ ପାଇଁ ଭୀତରକନିକା ଅଂଚଳ ବୁଲି ଦେଖିବାକୁ ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା କରାଯିବ । ଏଥି ସହିତ ଯାନବାହନ ରଖିବାକୁ ପାର୍କ ସ୍ଥାନ, ଜିନିଷପତ୍ର ରଖିବା ପାଇଁ ଷ୍ଟୋର ରୁମ୍ ଓ ଆମ୍ଫିଥିଏଟରର ବ୍ୟବସ୍ଥା କରାଯିବ । ଭିତରକନିକାର ପ୍ରବେଶ ପଥରେ ଦୁଇଗୋଟି ଟିକେଟ୍ କାଉଂଟର ଖୋଲା ଯିବାର ମଧ୍ୟ ବ୍ୟବସ୍ଥା ରହିବ । ଏସବୁ କାର୍ଯ୍ୟ କରିବା ପାଇଁ ୫୮ କୋଟି ଟଙ୍କା ବ୍ୟବବରାଦ ହୋଇଥିବା ନେଇ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ସୁଚନା ଦେଇଛନ୍ତି ।

# ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ଶ୍ରୀହରି କଟେଜ ସିଲ ଖୋଲିଲା ପ୍ରଶାସନ

କୋରେଇ, ୩୦/୦୫ (ନି.ପ୍ର): ପାଣିକୋଇଲିସ୍ଥିତ ଶ୍ରୀହରି କଟେଜକୁ ପ୍ରଶାସନ ପକ୍ଷରୁ ସିଲ କରାଯାଇଥିଲା । ଆଜି ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ସଟର ସିଲ କଟାଯାଇ ମାଲିକକୁ ହସ୍ତାନ୍ତର କରାଯାଇଛି । ବ୍ୟାସନଗର ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ, ପାଣିକୋଇଲି ଥାନାଧିକାରୀ ଚିନ୍ମୟୀ ବେହେରାଙ୍କ ଉପସ୍ଥିତରେ ପୁଲିସ ବାହିନୀ ଉକ୍ତ ସିଲକୁ କାଟି ମାଲିକଙ୍କୁ ଘର ହସ୍ତାନ୍ତର କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତଗତ ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଶ୍ରୀହରି କଟେଜ(ଲଜ)କୁ ପ୍ରଶାସନ ପକ୍ଷରୁ ଅନୈତିକ କାର୍ଯ୍ୟକଳାପ ପାଇଁ ଗତ ୨୦୨୨ ଅଗଷ୍ଟ ୩୧ ତାରିଖରେ ସିଲ କରାଯାଇଥିଲା । ଏହା ସମ୍ପୂର୍ଣ୍ଣଭାବେ ବେଆଇନ ଓ ଅକ୍ରୋଶ ମୂଳକଭାବେ ପକ୍ଷପାତିତା ଯୋଗୁ କରାଯାଇଥିବା ଦର୍ଶାଇ ଏହାର ମାଲିକ ସୋତି ଗ୍ରାମର ଚନ୍ଦ୍ରକାନ୍ତ ଖଣ୍ଡାଇ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ସିଆରଏମଏଲପି ୪୨୫/୨୩ରେ ମାମଲା ରୁଜୁ କରାଯାଇଥିଲା । ଶ୍ରୀ ଖଣ୍ଡାଇ ଗୃହ ବିଭାଗ, ଯାଜପୁର ଆରକ୍ଷୀ ଅଧିକ୍ଷକ ଓ ପାଣିକୋଇଲି ଥାନାଧିକାରୀଙ୍କୁ ପକ୍ଷଭୁକ୍ତ କରି ମାମଲା ରୁଜୁ କରିଥିଲେ । କେଉଁ ଆଇନ ବଳରେ ସମସ୍ତ ଗୃହ ସିଲ କରାଯାଇଛି ବୋଲି ମାମଲାରେ ଦର୍ଶାଇଥିଲେ । ଏହି ବେଆଇନ ସିଲକୁ ହଟାଇବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଜଷ୍ଟିସ ଏସ. କେ ପାଣିଗ୍ରାହୀ ଅନ୍ତରୀଣ ଶୁଣାଣୀ କରି ଏହି ସିଲକୁ ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ପ୍ରଶାସନ ଓ ପୁଲିସ ପ୍ରଶାସନ ଉପସ୍ଥିତିରେ ଆଜି ସିଲ କଟାଯାଇ ଶ୍ରୀ ଖଣ୍ଡାଇକୁ ହସ୍ତାନ୍ତର କରାଯାଇଛି ।

## ବାରୁଅ ପଂଚାୟତରେ ପଲ୍ଲୀରେ ପ୍ରଶାସନ

କେନ୍ଦ୍ରାପଡ଼ା, ୩୦/୦୫ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ପଂଚାୟତ ଠାରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଂଚାୟତରେ ଥିବା ଲୋକ ମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଅଭିଯୋଗ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏବିଡିଓ ଅନିରୁଦ୍ଧ ବେହେରା, ସରପଂଚ ଗୋପୀନାଥ ମଲ୍ଲିକ, ତହସିଲଦାର ଅଞ୍ଜଳୀ ତରାଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ କରିଥିଲେ ।

# ପାଲା ଗାୟିକାଙ୍କୁ ପଥରରେ ଛେଚି ନୃଶଂସ ହତ୍ୟା : ପୋଲିସ ତଦନ୍ତ ଜାରି

ହରିଚନ୍ଦନପୁର, ୩୦/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନା ଅନ୍ତର୍ଗତ ବିନିଦା ଗ୍ରାମରେ ଘଟିଛି ନାରକୀୟ କାଣ୍ଡ । ଉକ୍ତ ଗ୍ରାମର ପାଲାଗାୟିକା ସତ୍ୟଭାମା ସିଂହଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି ।
ଖବର ଅନୁଯାୟୀ, ସେ ବିନିଦା ଗ୍ରାମପଂଚାୟତର ପୂର୍ବତନ ସମିତି ସଭ୍ୟା ଓ ବର୍ତମାନର ବିଜେପି ମଣ୍ଡଳ ସଭାପତି ଦାୟିତ୍ୱରେ ଥିଲେ । ସତ୍ୟଭାମାଙ୍କୁ କେହି ଦୁର୍ବୃତ ରବିବାର ବିଳମ୍ବିତ ରାତିରେ ପଥରରେ ଛେଚି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ଖବର ପାଇ ଘଟଣାସ୍ଥଳରେ ସଦର ଏସଡିପିଓ, ସାଇଂଟିଫିକ୍ ଟିମ୍ ସହିତ ପଣ୍ଡାପଡା ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ, ସତ୍ୟଭାମା ଅବିବାହିତ ଥିବାବେଳେ ପାଲା ଗାୟକ ଭାବେ ଜିଲ୍ଲାରେ ସୁନାମ ଅର୍ଜନ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସତ୍ୟଭାମାଙ୍କ ପାଲା ଗାୟିକା ସହଯୋଗୀଙ୍କ ସହ କିଛି ଦିନ ହେବ କଳହ ଜାରି ରହିଥିଲା । ଯାହାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ସତ୍ୟଭାମା ବିଜେପି ମଣ୍ଡଳ ଦାୟିତ୍ୱରେ ଥିବା ଯୋଗୁଁ ବିଜେପି ଟିମ୍ ପହଂଚି ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି । ଏଭଳି ଘଟଣା ନୂତନ ହୋଇଥିଲା ବେଳେ ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି । ମୃତଦେହ ଦେଖିବାକୁ ଘଟଣାସ୍ଥଳରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଛି । ପରେ ମୃତଦେହକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ଘଟଣାର ସତ୍ୟତା ଜାଣିବା ପାଇଁ ପୋଲିସ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

# ୬ ବର୍ଷ ପରେ ଶାଳମଞ୍ଜି ସଂଗ୍ରହ କରିବ ଟିଡିସିସି

ଭୁବନେଶ୍ୱର , ୩୦/୦୫ (ନି.ପ୍ର): ୬ ବର୍ଷ ପରେ ଏମଏସପିରେ ଶାଳ ମଞ୍ଜ କିଣିବ ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟିଡିସିସି)। କିନ୍ତୁ ଶାଳ ମଞ୍ଜି ଉତ୍ପାଦିତ ସମସ୍ତ ୧୩ ଜିଲ୍ଲାରୁ ଏହାର ସଂଗ୍ରହ କରାନଯାଇ ନୂଆପଡ଼ା, ଭବାନୀପାଟନା, ନବରଙ୍ଗପୁର ଜିଲ୍ଲାର ଉମରକୋଟ, ମାଲକାନଗିରି, ସୁନ୍ଦରଗଡ଼, ଲହୁଣିପଡ଼ା, କେନ୍ଦୁଝର, କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଏବଂ ସମ୍ବଲପୁରରୁ କିଣାଯିବ। ଏଥିପାଇଁ ଏମଏସପି କେଜି ପିଛା ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ଟିଡିସିସିର ପରିଚାଳନା ନିର୍ଦ୍ଦେଶକ ପୋମା ଟୁଡୁ ୯ ଜିଲ୍ଲାର ଶାଖା ପରିଚାଳକଙ୍କୁ ଚିଠି କରିଛନ୍ତି। ଅନ୍ୟଦିଗରେ ଶାଳ ମଞ୍ଜି ଉତ୍ପାଦିତ ହେଉଥିଲେ ମଧ ଦେବଗଡ଼, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଏବଂ ନୟାଗଡ଼ ଭଳି ଜିଲ୍ଲାକୁ ବାଦ ଦିଆଯାଇଛି। ଶାଳ ତେଲର ମୂଲ୍ୟ କେଜି ପ୍ରତି ୩୦୦ ଟଙ୍କା। ଓଡ଼ିଶାରେ ଏହାର ବ୍ୟବସାୟ ନାହିଁ। ଦେଶରେ ସମୁଦାୟ ଶାଳ ଉତ୍ପାଦନର ୨୫ ପ୍ରତିଶତ ଓଡ଼ିଶାରେ ହୁଏ। ୨୬ ଲକ୍ଷ ୧୮ ହଜାର ୯୧୫ ବର୍ଗ କିଲୋମିଟର ଜଙ୍ଗଲରେ ଏହା ପରିବ୍ୟାପ୍ତ ହୋଇଛି। ଏଥିରୁ ବାର୍ଷିକ ୧୫ ଲକ୍ଷ ମେଟ୍ରିକ ଟନ ପର୍ଯ୍ୟନ୍ତ ଶାଳ ମଞ୍ଜି ଉତ୍ପାଦିତ ହୁଏ। ୧୯୮୩ ମସିହା ପର୍ଯ୍ୟନ୍ତ ସମୁଦାୟ ଉତ୍ପାଦନର ୪୦ ପ୍ରତିଶତ ଶାଳ ମଞ୍ଜି ସରକାରଙ୍କ ପକ୍ଷରୁ ଆଦିବାସୀଙ୍କ ଠାରୁ ସଂଗ୍ରହ ହେଉଥିଲା। ପର୍ଯ୍ୟାୟକ୍ରମରେ ଏହା ହ୍ରାସ ପାଇ ୬ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ୨୦୨୦ ମସିହା ଲକ୍‌ଡାଉନ ବର୍ଷରେ ରାଜ୍ୟରେ ବ୍ୟାପକ ଏବଂ ଉନ୍ନତମାନର ଶାଳ ମଞ୍ଜି ଉତ୍ପାଦନ ହୋଇଥିଲେ ମଧ



ଟିଡିସିସି ଏହାର ସଂଗ୍ରହ କରୁନଥିଲା। ସରକାର ଏହା ସଂଗ୍ରହ କରୁନଥିଲେ। ଏହାର ଲାଭ ଉଠାଉଥିଲେ ବ୍ୟବସାୟୀ। ସଂଗ୍ରହକାରୀ ଖୁବ କମ ଦାମରେ ବିକ୍ରି କରିବାକୁ ବାଧ ହେଉଥିଲେ। ଚଳିତ ବର୍ଷ ମଧ ଉନ୍ନତମାନର ଏବଂ ବ୍ୟାପକ ଶାଳ ମଞ୍ଜି ଉତ୍ପାଦିତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏହାର ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ମଧ ବଡ଼ ଅଂଶର ଜନଜାତି ଏହାର ଲାଭ ଉଠାଇ ପାରିବେ ନାହିଁ।

# ଜୁନ ୧ରୁ ସମୂହ ଛୁଟିରେ ଯିବାକୁ ମିଳିତ ଅମଲା ମଂଚର ଚେତାବନୀ

କେନ୍ଦୁଝର, ୩୦/୦୫ (ନି.ପ୍ର): ସରକାରଙ୍କଠାରେ ଉପସ୍ଥାପିତ କରାଯାଇଥିବା ଦାବୀ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ପୁରଣ ନ ହେଲେ ଆଗାମୀ ଜୁନ ୧ ତାରିଖଠାରୁ ସମୁହ ଛୁଟିରେ ଯିବାକୁ ମିଳିତ ଅମଲା ମଂଚ ପକ୍ଷରୁ ଚେତାବନୀ ଦିଆଯାଇଛି । ଭାରତ ସ୍ୱାଧୀନତା ପର ଠାରୁ ଅମଲା ଜାତି ଅବହେଳାର ଶୀକାର ହୋଇ ଆସିଥିବା ମିଳିତ ମଂଚ ପକ୍ଷରୁ କୁହା ଯାଇଥିବା ବେଳେ ଏହି ବର୍ଗର କର୍ମଚାରୀ ମାନଙ୍କ ବେତନରେ କୌଣସି ଅଭିବୃଦ୍ଧି କରାଯାଇନଥିବା କୁହାଯାଇଛି। ଦାବୀ ହାସଲ ପାଇଁ ସମଭାବାପନ୍ନ ଜିଲ୍ଲା ସ୍ତରୀୟ ଅମଲା ସଂଗଠନ ମାନେ ଗତ ଏପ୍ରିଲ ୯ ତାରିଖରେ ଏକଜୁଟ ହୋଇ କେତେକ କଠୋର ନିଷ୍ପତି ନେଇଥିଲେ। ସେହି ନିଷ୍ପତିନୁଶାରେ ସେହି ଏପ୍ରିଲ ମାସ ୨୧ ତାରିଖରେ ଜିଲ୍ଲାସ୍ତରୀୟ ଅମଲା ମଂଚ ପକ୍ଷରୁ ଜିଲ୍ଲପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ୩୦ ତାରିଖ ସୁଦ୍ଧା ମଂଚ ନେତୃ ମଣ୍ଡଳୀଙ୍କୁ ସରକାରଙ୍କ ପକ୍ଷରୁ ଆଲୋଚନାକୁ ଡକା ନ ଯିବାରୁ ମିଳିତ ମଂଚ ପକ୍ଷରୁ ପୁନର୍ବାର ମୁଖ୍ୟ ଶାସନ ସଚୀବଙ୍କୁ ଏ ସଂପର୍କୀୟ ଏକ ଚରମ ପତ୍ର ପ୍ରଦାନ କରାଯାଇଥିଲା । ଯେଉଁ ପତ୍ରରେ ମେ ମାସ ୨୧ ତାରିଖ ସୁଦ୍ଧା ଜିଲ୍ଲାସ୍ତରୀୟ ଅମଲା ମାନଙ୍କର ଏକମାତ୍ର ଦାବୀ ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଭିତିରେ ଜିଲ୍ଲାସ୍ତରୀୟ କନିଷ୍ଠ ଅମଲା ମାନଙ୍କର ମୂଳ ଦରମା ୯୩୦୦ ସହିତ ଗ୍ରେଡ ପେ ୪୨୦୦ ଟଙ୍କା ଓ ଲେବୁଲ ୯ ଅନୁଯାୟୀ ଦରମା ନିର୍ଦ୍ଧାରଣ ସଂପର୍କରେ ଯଦି କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରା ନ ଯାଏ , ତାହାଲେ ଜିଲ୍ଲାସ୍ତରୀୟ ଅମଲା ମାନେ ମହା ଆନ୍ଦୋଳନରେ ସାମିଲ ହେବେ ଏବଂ ଦାବୀ ହାସଲ ପାଇଁ ମେ ୨୨ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରିବେ। କିନ୍ତୁ ଏଥିରେ କୌଣସି ସୁଫଳ ନମିଳିଲେ ମଂଚ ପକ୍ଷରୁ ଦାବୀ ହାସଲ ହେବା ପର୍ଯ୍ୟନ୍ତ ଜୁନ ୧ ତାରିଖ ଠାରୁ ସମୁହ ଛୁଟିରେ ଯିବାକୁ ଚେତାବନୀ ଦିଆ ଯାଇଛି ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା କୁଇ ଓ ଦେଶିଆ ଭାଷାର ଜାତୀୟ କର୍ମଶାଳା

ଜୟପୁର, ୩୦/୦୫ (ନି.ପ୍ର): କୁଇ ଓ ଦେଶିଆ ଭାଷାଭାଷୀ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାରମ୍ଭିକ ଶିକ୍ଷା ସ୍ତରରେ କହିବା, ପଢ଼ିବା, ବୁଝିବା ଓ ଲେଖିବାର ଉଦ୍ଦେଶ୍ୟ ନେଇ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାକୁ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପରୀକ୍ଷଣ ପରିଷଦ, ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମିଳିତ ଉଦ୍ୟମରେ ଏକ ପାଂଚଦିନିଆ ଜାତୀୟ କର୍ମଶାଳା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଆଜି ତା ୨୯ ମଇ ୨୦୨୩ ରେ ଉଦ୍ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆନୁଷ୍ଠାନିକ ଭାବରେ ଏହି କର୍ମଶଳା କୁ ଉଦ୍ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଆ ଶାସ୍ତ୍ରୀୟ ଭାଷା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାଷା ସମୂହର ଡିନ ପ୍ର ନୃସିଂହ ଚରଣ ପଣ୍ଡା ଏବଂ ବିଶିଷ୍ଟ ସାହିତ୍ୟିକା ଡ. ପ୍ରୀତିଧାରା ସାମଲ କୁଇ ଓ ଦେଶିଆ ଭାଷାରେ ପ୍ରାଥମିକ ସ୍ତରରେ ପଠ୍ୟପୁସ୍ତକ ତିଆରି କଲାବେଳେ କେଉଁ କେଉଁ ଦିଗପ୍ରତି ଧାନ ଦେବାକୁ ପଡିବ ବୋଲି କହିଥିଲେ। ସମାଜ ଶାସ୍ତ୍ର ବିଭାଗର ସହ ପ୍ରାଧ୍ୟାପକ ଡ କପିଳ ଖେମୁଣ୍ଡୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଓଡିଆ ବିଭାଗର ଅଧାପିକା ଡ ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଓଡ଼ିଆ ଶାସ୍ତ୍ରୀୟ ଭାଷା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆସନ୍ତା ଜୁନ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ଅପ୍ରେଲ ୧ ତାରିଖରେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୋରାପୁଟ ପରିଦର୍ଶନ ସମୟରେ କୁଇ ଓ ଦେଶିଆ ଭାଷାଭାଷୀ ଲୋକଙ୍କ ଭାଷାଗତ ସମସ୍ୟା ଉପରେ ହୃଦୟଙ୍ଗମ କରିଥିଲେ । ତେଣୁ ସେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ ସମୟରେ କୁଇ ଓ ଦେଶିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରିବାର ଗୁରୁଦାୟୀତ୍ୱ ନେବାକୁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଘଉରଜଞ୍ଜ କୁ ଆହ୍ୱାନ ଦେଇଥିଲେ । ମାନ୍ୟବର ମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଏଥିପାଇଁ ଏକ କମିଟି ଗଠନ କରାଯାଇଥିଲା । ଏହି କମିଟିର ପାଂଚ ଦିବସୀୟ କର୍ମଶାଳାରେ କୁଇ ଓ ଦେଶିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯିବ । ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ କେନ୍ଦ୍ର ସରକାରଙ୍କ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ନିଜ ଭାଷା ତଥା ମାତୃଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ଏବଂ ରାଷ୍ଟ୍ରୀୟ ସଂହତି ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଥିଲେ ଯେ ନିଜ ଭାଷା ତଥା ମାତୃଭାଷାର ବିକାଶ ହେଉଛି ରାଷ୍ଟ୍ରର ବିକାଶ । ଭାଷା ପାଇଁ ଅନେକ ରାଷ୍ଟ୍ର ବିଭାଜିତ ହୋଇଛି ଓ ଅନେକ ରାଷ୍ଟ୍ର ଗଠନ ହୋଇଛି । କେନ୍ଦ୍ରସରକାରଙ୍କ ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଭାଷାର ବିକାଶ କରିବା ଏବଂ ସମସ୍ତ ସ୍ଥାନୀୟ ଭାଷାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖି ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା । କୁଇ ଓ ଦେଶିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ ହେବାଦ୍ୱାରା ଏହି ଭାଷାଭାଷୀ ଲୋକଙ୍କର ବିକାଶ ହେବା ସହ ଦେଶର ବିକାଶ ହୋଇପାରିବ" । ପଣ୍ଡା ଶ୍ରବଣ, କଥନ, ପଠନ ଓ ଲିଖନ କୁ ଗୁରୁତ୍ୱ ଦେଇ ଏହି କାର୍ମଶାଳାରେ କୁଇ ଓ ଦେଶିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯିବ ଓ ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସେ କହିଥିଲେ । ଡ ପ୍ରୀତିଧାର ସାମଲ କୁଇ ଓ ଦେଶିଆ ଭାଷାରେ ପାଠ୍ୟ ପୁସ୍ତକ ପ୍ରସ୍ତୁତ ବେଳେ ଏହି ଭାଷାଭାଷୀ ଲୋକଙ୍କ ଉଚ୍ଚାରଣ, ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେବାକୁ କହିଥିଲେ । ଏହି କାର୍ମଶାଳାରେ ସଦସ୍ୟ ଡ. ମହେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଗୋପବନ୍ଧୁ ମହାନ୍ତି, ଡ. ପରମାନନ୍ଦ ପଟେଲ, ଡ. ରାଜେନ୍ଦ୍ର ପାଢ଼ୀ, ଡ. କପିଳ ଖେମଣ୍ଡୁ, ଡ. ରୁଦ୍ରାଣୀ ମହାନ୍ତି, ଡ. ଗୋବିନ୍ଦ ଚନ୍ଦ୍ର ପେଣ୍ଡେଇ, ସୁରେଶ ଖରା, ସନା ସାନ୍ତା, ତ୍ରିନାଥ ଖରା, ସୋମନାଥ ଅମାନତ୍ୟ, ଗୀତାଞ୍ଜଳି ପୂଜାରୀ, ନାରାୟଣ ମାଝି, ଗୋବିନ୍ଦ କୁମ୍ଝରିଆ, ସୁରେନ୍ଦ୍ର ତନ୍ତୀ ଏବଂ ଶିବଶଙ୍କର ପଟ୍ଟନାୟକଙ୍କ ସମେତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିବା ନେଇ ଡ. ଫଗୁନାଥ ଭୋଇ, ଜନ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।

# ଶିଶୁ ମନ୍ଦିରରେ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ଉଦ୍‌ଯାପିତ

କୋରେଇ, ୩୦/୦୫ (ନି.ପ୍ର): ବିଦ୍ୟାଭରତୀ ଶିକ୍ଷା ବିକାଶ ସମିତି ଓଡିଶା ଉତରପୂର୍ବ ସମ୍ଭାଗ ଜିଲ୍ଲା ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ବୈଠକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲିଙ୍ଗେଶ୍ୱର ବିହାର ଠାରେ ଆଜି ଉଦ୍‌ଯାପିତ ହୋଇଯାଇଛି । ମୂଳାପାଳ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ବୈଠକରେ ସ୍ଥାନୀୟ ବିଦ୍ୟାଳୟର ସମ୍ପାଦକ ଦିଲ୍ଲୀପ କୁମାର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଧଳ, ମୁଖ୍ୟ ବକ୍ତା ଭାବେ ଶ୍ରୀଯୁକ୍ତ ପାର୍ଥ ଘୋଷ, ସମ୍ମାନୀତ ଅତିଥିଭାବେ ସହ ସଙ୍ଗଠନ ମନ୍ତ୍ରୀ ବିଦ୍ୟାଭାରତୀ ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ସଭାପତି ଶିକ୍ଷା ବିକାଶ ସମିତି ଶ୍ରୀଯୁକ୍ତ ତୁଷାର ରଂଜନ ଦାଶ, ଉତରପୂର୍ବ ସମ୍ଭାଗ ସଂଯୋଜକ ଯାଜପୁର ବିଭାଗ ନିରୀକ୍ଷକ ଶ୍ରୀଯୁକ ଜିତୁରମ ମହାନ୍ତ, ସମ୍ଭାଗ ବିଭାଗ ଓ ସଙ୍କୁଳର ସମସ୍ତ କାର୍ଯ୍ୟକର୍ତା ବୃନ୍ଦ ଉକ୍ତ ସଭା ମଣ୍ଡନ କରିଥିଲେ । ଉକ୍ତ ଉଦ୍‌ଯାପନ ବୈଠକରେ ସ୍ଥାନୀୟ ବିଦ୍ୟାଳୟର ସଭାପତି ବୃନ୍ଦାବନ ସାହୁ, ସହ ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ କୁମାର ପାଳ, ପରିଚାଳନା ସମିତିର ସମସ୍ତ ସଦସ୍ୟ/ସଦସ୍ୟା ବୃନ୍ଦ, ଲିଙ୍ଗେଶ୍ୱର ଉନ୍ନୟନ କମିଟଇର ସଭାପତି, ସମ୍ପାଦକ ଓ ସମସ୍ତ କାର୍ଯ୍ୟକର୍ତା ବୃନ୍ଦ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଗୁରୁଜୀ/ଗୁରୁମାଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମ ସରସ ସୁନ୍ଦର ହୋଇ ପାରିଥିଲା । ଉକ୍ତ ଉତ୍ସବରେ ଶିଶୁ ବିଦ୍ୟା ମନ୍ଦିରର ଗୁରୁମା ମାନେ ସମାରୋପ ସଙ୍ଗୀତ ଗାନ କରିଥିଲେ । ଏହି ବୈଠକରେ ଜିଲ୍ଲାର ୪୩ଜଣ ସମ୍ପାଦକ, ୪୩ ଜଣ ପ୍ରଧାନ ଆଚାର୍ଯ୍ୟ ଏବଂ ୨୫ଜଣ କାର୍ଯ୍ୟକର୍ତା ଅତିଥି ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
୩ ♣ ବାଲେଶ୍ୱର ♣ ବୁଧବାର,୩୧ ମଇ, ୨୦୨୩

# ଏହି ସବୁ ଅଭ୍ୟାସ କିଡ଼ନୀ ରୋଗୀଙ୍କ ପାଇଁ ହୋଇପାରେ ବିପଜ୍ଜନକ : ହୁଅନ୍ତୁ ସତର୍କ



**ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀ କାରଣରୁ ଆମେ ଠିକ୍ ଭାବରେ ସ୍ୱାସ୍ଥ୍ୟର ଯତ୍ନ ପ୍ରତି ଅଣଦେଖା କରୁଛୁ । ଫଳରେ ଏହା ପରବର୍ତ୍ତୀ ସମୟରେ ଆମ ଶରୀର ପାଇଁ ବିପଦ ସୃଷ୍ଟି କରୁଛି । ଯାହାଫଳରେ ଆମେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହୋଇଥାଉ । କିଡନୀ ହେଉଛି ଆମ ଶରୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ମୂତ୍ର ଜରୀଆରେ ଆମ ଶରୀରରେ ଥିବା ବର୍ଜ୍ୟବସ୍ତୁକୁ ବାହର କରି ଶରୀରକୁ ସୁସ୍ଥ ରଖିଥାଏ । ତେବେ ଆପଣଙ୍କର ଯଦି କିଛି କିଡନୀ ଜନିତ ସମସ୍ୟା ରହିଛି ତେବେ ଆପଣ କିଛି କଥା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ନଚେତ୍ ଏହା ଆପଣଙ୍କ କିଡନୀ ଉପରେ ବିଶେଷ ପ୍ରଭାବ ପକାଇଥାଏ । ବିଶେଷ କରି ଏପରି କିଛି ଅଭ୍ୟାସ ଅଛି ଯାହା କିଡନୀ ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଅଭ୍ୟାସ ବିଷୟରେ...**

କିଡନୀ ରୋଗୀଙ୍କ ପାଇଁ ବିପଦ ଏହି ଅଭ୍ୟାସ :

ଅଧିକ ଶୋଇବା : ଶରୀରକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟପେୟ ସହିତ ସଠିକ୍ ଏବଂ ପ୍ରଚୁର ପରିମାଣରେ ଶୋଇବା ନିତ୍ୟାନ୍ତ ଆବଶ୍ୟକ । କିନ୍ତୁ କିଡନୀ ରୋଗୀମମାନଙ୍କ କ୍ଷେତ୍ରରେ ଅଧିକ ସମୟ ଶୋଇବା ଉଚିତ୍ ନୁହେଁ । ଖାସ କରି ସକାଳ ସମୟରେ ଅଧିକ ଶୋଇବା ଅଭ୍ୟାସ ଏମାନଙ୍କ ପାଇଁ ବିପଦର କାରଣ ହୋଇଥାଏ । କାରଣ ସକାଳେ ଅଧିକ ସମୟ ଶୋଇବା ଦ୍ୱାରା ଅଧିକ ମୂତ୍ର ଜମାହୋଇ ରହିବାର ସମ୍ଭାବନା ଥାଏ । ଯାହାକି କିଡନୀ ଉପରେ ଖରାପ ପ୍ରଭାବ ପକାଇବା ସହ କିଡନୀ ରୋଗୀଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ । ତେଣୁ ଏହି ରୋଗୀମାନେ ଅଧିକ ସମୟ ଶୋଇବା ଉଚିତ୍ ନୁହେଁ ।

ଅଧିକ ଲୁଣ ଖାଇବା : ଲୁଣ ଖାଦ୍ୟର ସ୍ୱାଦ ବଢାଇଥାଏ । ଏଥିସହିତ ଆୟୋଡିନର ଅବାକୁ ମଧ ଏହା ପୁରା କରିଥାଏ । କିନ୍ତୁ କିଡନୀ ରୋଗୀମାନେ ଅଧିକ ଲୁଣ ସେବନ କରିବା ଉଚିତ ନୁହେଁ । କାରଣ ଏଥିରେ ଥିବା ସୋଡିୟମ କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ । ତେଣୁ ଆପଣଙ୍କର ଯଦି କିଡନୀ ଜନିତ କୌଣସି ସମସ୍ୟା ଅଛି ତେବେ ଆପଣ ଅଧିକ ଲୁଣ ଖାଇବା ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ ନଚେତ୍ ଏହା ଆପଣଙ୍କ ପାଇଁ ବିପଦର କାରଣ ହୋଇପାରେ ।

ମଦ୍ୟପାନ କରିବା : ମଦ୍ୟପାନ ସ୍ୱାସ୍ଥ୍ୟପକ୍ଷେ ବହୁତ କ୍ଷତିକାରକ ହୋଇଥାଏ । ଏହାକୁ ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାର ମାରାତ୍ମକ ରୋଗ ସୃଷ୍ଟି ହେବା ସହ ଏହା କିଡନୀ ଉପରେ ମଧ ବହୁତ ଖରାପ ପ୍ରଭାବ ପକାଇଥାଏ । ତେଣୁ କିଡନୀ ରୋଗୀମାନେ ମଦ୍ୟପାନ ଠାରୁ ଦୂରେଇ ରହିବା ନିତ୍ୟାନ୍ତ ଆବଶ୍ୟକ ।

ଶରୀରକୁ ସକ୍ରିୟ ନ ରଖିବା : କିଛି ଲୋକ ଅସୁସ୍ଥ ହେଲେ କେବଳ ବିଶ୍ରାମ ହିଁ କରିଥାନ୍ତି । କିନ୍ତୁ କିଡିନ ରୋଗୀଙ୍କ ପାଇଁ ଏହା ବିପଦର ଏକ କାରଣ ହୋଇଥାଏ । ତେବେ କିଡନୀରେ କିଛି ସମସ୍ୟା ଦେଖାଦେଲେ ଶରୀରକୁ ସକ୍ରିୟ ରଖିବା ଆବଶ୍ୟକ । ନଚେତ୍ ଏହା କିଡନୀ ପାଇଁ ବିପଦ ସୃଷ୍ଟି କରିପାରେ । ତେଣୁ ଆପଣଙ୍କ କିଡନୀରେ ଯଦି କୌଣସି ଅସୁବିଧା ଅଛି ତେବେ ଆପଣ ପ୍ରତ୍ୟେକ ଦିନ ହାଲୁକା ବ୍ୟାୟାମ କିମ୍ବା ଯୋଗ କରିବା ଆବଶ୍ୟକ ।

ଅଧିକ ପୋଟାସିୟମ୍ ଯୁକ୍ତ ଖାଦ୍ୟ ଖାଇବା : କିଡନୀ ରୋଗୀମାନେ ଅଧିକ ପୋଟାସିୟମ୍ ଥିବା ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ । ତେଣୁ କିଡନୀରେ ସମସ୍ୟା ଥିଲେ ଆଳୁ, ମାଟି ଆଳୁ ଭଳି ଜିନିଷ ଖାଇବା ଠାରୁ ଦୂରେଇ ରୁହନ୍ତୁ । ଏଥିସହିତ ବନ୍ଧାକୋବି ଏବଂ ଆଭୋକାଡୋ ଖାଇବା କିଡନୀ ରୋଗୀଙ୍କୁ ମଧ ପ୍ରଭାବିତ କରିଥାଏ, କାରଣ ଏହି ଜିନିଷରେ ପୋଟାସିୟମ୍ ଅଧିକ ପରିମାଣରେ ମିଳିଥାଏ, ଯାହା କିଡନୀକୁ ନଷ୍ଟ କରିପାରେ । ତେଣୁ କିଡିନ ରୋଗୀମାନେ ଏହି ଖାଦ୍ୟଠାରୁ ଦୂରେଇ ରୁହନ୍ତୁ ।

## କିପରି ନେବେ ଯାଆଁଳା ଶିଶୁଙ୍କ ଯତ୍ନ ? ଜାଣନ୍ତୁ ଏହି ଟିପ୍ସ



ଆଜିକାଲି ବହୁତ ଯାଆଁଳା ଶିଶୁ ଜନ୍ମ ହେଉଛନ୍ତି । ହେଲେ ଏକାସଂଗରେ ସେମାନଙ୍କ ଯତ୍ନନେବା କଷ୍ଟକର ହୋଇଥାଏ । ଯେଉଁମାନେ ଜଏଣ୍ଟ ଫ୍ୟାମିଲରେ ରହିଥିବେ ସେମାନଙ୍କୁ ଦୁଇ ଶିଶୁର ଏକାସଂଗେ ଯତ୍ନନେବା ସହଜ ହୋଇଥାଏ । କିନ୍ତୁ ଯେଉଁମାନେ ଛୋଟ ପରିବାର ଯେକି କେବଳ ସ୍ୱାମୀ, ସ୍ତ୍ରୀ ଥାଆନ୍ତି ସେମାନଙ୍କ ପକ୍ଷେ ଯତ୍ନନେବା ବହୁତ କଷ୍ଟସାଧ ହୋଇଥାଏ । ବାସ୍ତବରେ ଯାଆଁଳା ଶିଶୁଙ୍କୁ ସବୁବେଳେ ଧ୍ୟାନ ଦେବାକୁ ପଡିବ ଯେମିତି ସେମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବା ଆଦି ସବୁକିଛି । ଯାହା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ । ଏପରି ପରିସ୍ଥିତିରେ ଆପଣ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସକୁ ଆପଣାନ୍ତୁ । ଯାଆଁଳା ପିଲା ସାଧାରଣତଃ ବେଶି କନ୍ଦାକଟା କରିଥାନ୍ତି । ସେମାନଙ୍କୁ ସମ୍ଭାଳିବା କଷ୍ଟ ହୋଇଥାଏ ।

ଏପରି ପରିସ୍ଥିତିରେ, ଯଦି ଆପଣ କିଛି ଛୋଟ ଛୋଟ ଜିନିଷର ଯତ୍ନ ନେବେ, ତେବେ ଯାଆଁଳା ପିଲାମାନଙ୍କର ଯତ୍ନ ନେବା ଆପଣଙ୍କ ପାଇଁ ଅତି ସହଜ ହୋଇଯିବ । ଆପଣ ରୁଟିନ୍ ସେଟ୍ କରନ୍ତୁ । ଆପଣ ପିଲାମାନଙ୍କର ଖାଇବା, ପିଇବା, ଗାଧୋଇବା ଏବଂ ଶୋଇବାର ନିତ୍ୟକର୍ମ ଏକ ନିର୍ଦ୍ଦିଷ୍ଟ ସମୟରେ କରନ୍ତୁ । ଯାହାଫଳରେ କି ପିଲାମାନଙ୍କ ଭୋକ, ଶୋଇବା, ଉଠିବାର ସମୟ ଆପଣ ଜାଣିପାରିବେ । ଆପଣ ବାକି ଅନ୍ୟ କାମ ସବୁକୁ ସହଜରେ କରିପାରିବେ । ଶିଶୁମାନଙ୍କୁ କ୍ଷୀର ଖୁଆଇବା ସମୟରେ ଦୁଇଟି ତକିଆ ମଧ ବ୍ୟବହାର କରନ୍ତୁ ।

## କଣ ରହିଛି ନଡ଼ିଆ ପାଣି ପିଇବାର ସଠିକ ସମୟ ? : ନହେଲେ ହେଇପାରେ ଏଭଳି ସମସ୍ୟା



ନଡ଼ିଆ ପାଣି ସ୍ୱାସ୍ଥ୍ୟ ପାଇଁ ବହୁତ ଉପକାରୀ ବୋଲି କୁହାଯାଏ । ଏହା ଗରମ ଦିନରେ ବହୁତ ଆରାମ ଦେଇଥାଏ , କିନ୍ତୁ ଜାଣିଛନ୍ତି କି ଏହାକୁ ପିଇବାର ସଠିକ ସମୟ କଣ ? ଗରମ ଦିନରେ ଥଣ୍ଡା ପିଇବାର ମଜା ହିଁ କିଛି ଅଲଗା ହୋଇଥାଏ, ଯେମିତିକି ନଡ଼ିଆର ପାଣି । ଆପଣମାନେ ନଡ଼ିଆ ପାଣି ପିଇବାର ଫାଇଦା ତ ଜାଣିଛନ୍ତି, ସେ ପେଟକୁ ଥଣ୍ଡା କରିବା ସହିତ ଶରୀରକୁ ଆରାମ ମଧ ଦେଇଥାଏ । ଏହା ସହିତ ସେ ଜଳ ଶୂନ୍ୟତାକୁ ଦୂର କରିଥାଏ ଏବଂ ଚର୍ମ ପାଇଁ ମଧ ବହୁତ ଉପକାରୀ ଅଟେ । ଯାହା ବି ହେଉ ଗରମ ଦିନରେ ଆମେ ଅଧିକ ନଡ଼ିଆ ପାଣି ସେବନ କରିଥାଉ, କିନ୍ତୁ ନଡ଼ିଆ ପାଣି କିଛି ଲୋକଙ୍କ କ୍ଷତି ମଧ କରିଥାଏ । ସଠିକ ସମୟରେ, ସଠିକ ଉପାୟରେ ଏବଂ ସଠିକ ପରିମାଣରେ ନଡ଼ିଆ ପାଣି ପିଇବା ଆବଶ୍ୟକ । ସୂଚନା ଅନୁଯାୟୀ ନଡ଼ିଆ ପାଣି ପିଇବା ଦ୍ୱାରା ନିମ୍ନ ରକ୍ତଚାପ, ବିଭିନ୍ନ ପେଟ ଯନ୍ତ୍ରଣା , ଥଣ୍ଡା-କାଶ-ଜ୍ୱର , ଓଜନ ବଢିବାର ମଧ ସମସ୍ୟା ଇତ୍ୟାଦି ଦେଖାଦେଇଥାଏ । ଏହାକୁ ଅଧିକ ପରିମାଣରେ ସେବନ କରିବା ଦ୍ୱାରା କିଛି ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । ଯେଉଁ ବ୍ୟକ୍ତି ମାନଙ୍କର ଠାରେ ସୁଗର ଭଳି ରୋଗ ଥାଏ,ସେମାନେ ପଇଡ଼ ପାଣି ପିଇବା ଉଚିତ ନୁହେଁ କାରଣ ଏହା ଦ୍ୱାରା ସୁଗରର ସ୍ତର ଶୀଘ୍ର ବଢିଥାଏ । ଯଦି ଶରୀରରେ କୌଣସି ତତ୍ୱ ବଢିଯାଏ ତେବେ ଶରୀରରୁ ପାଣି ସୁଖିବାରେ ଲାଗିଥାଏ । ଯାହାଫଳରେ କି ଡ଼ାଇରିଆ ହେବାର ସମ୍ଭାବନା ଥାଏ ।

## ମଡ୍ୟୁଲାର କିଚେନ୍ ମୋହରେ ମହିଳା



ଗାଁ ଗହଳିରେ ଆଜି ମଧ ମା' ମାଉସୀମାନେ ରୋଷେଇ ଘରକୁ ହାଣ୍ଡିଶାଳ ବୋଲି କହିଥାନ୍ତି । ଏଇ 'ହାଣ୍ଡିଶାଳ' ଶବ୍ଦଟି ପ୍ରକୃତରେ ଖୁବ୍ ଆପଣାର ଲାଗିଥାଏ । ହେଲେ ନଗରୀ, ମହାନଗରୀ ସଭ୍ୟତାରେ ମଡ୍ୟୁଲାର କିଚେନ୍ ଆଧୁନିକତାର ସ୍ୱର୍ଶ ଦେଉଛି । ମଡ୍ୟୁଲାର କିଚେନ୍ ଆଖିକୁ ଚକ୍‌ଚକ୍ ଓ ସୁନ୍ଦର ଦେଖାଯାଇଥାଏ, ହେଲେ ଗାଁ ହାଣ୍ଡିଶାଳର ବାସ୍ନା ଏଠାରେ ମିଳିଥାଏ । ନିକଟରେ ଗାଁ ରୋଷେଇ ଘର ଓ ସହରର ଅତ୍ୟାଧୁନିକ ମଡ୍ୟୁଲାର କିଚେନ୍‌କୁ ନେଇ ଏକ ଅନୁଧ୍ୟାନ କରାଯାଇଥିଲା । ଆଜିକାଲି ୩୪%ରୁ ଅଧିକ ମହିଳା ମଡ୍ୟୁଲାର କିଚେନ୍‌କୁ ପସନ୍ଦ କରୁଛନ୍ତି । କାରଣ ଏହା ଜରିଆରେ ରୋଷେଇ ଘର ସାମଗ୍ରୀ, ଜିନିଷ, ବାସନକୁସନ ସବୁକିଛି ବ୍ୟବସ୍ଥିତ ରହିପାରୁଛି । ହେଲେ ସାଧାରଣ ରୋଷେଇଘରେ ଏସବୁ ବ୍ୟବସ୍ଥା ନଥିବାରୁ ମହିଳାମାନେ ରୋଷେଇରେ ଆଗ୍ରହ ପ୍ରକାଶ କରୁନାହାନ୍ତି ।

♦ ବିଶେଷଜ୍ଞଙ୍କ ମତରେ ଆଗ କାଳରେ ଗୃହିଣୀମାନେ ହେମଦସ୍ତାରେ ମସଲା କୁଟିବା ସହ ଶିଳରେ ବାଟୁଥିଲେ । ସେସବୁ ମସଲା ତରକାରୀ ସୁଆଦିଆ ହେବା ସହ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଉଥିଲା । ଆଜିର ନୂଆ ଡିଜାଇନ୍ କିଚେନ୍‌ରେ ଗ୍ରାଇଣ୍ଡର ବଟା ମସଲାରେ ସେଭଳି ସ୍ୱାଦ କିମ୍ବା ବାସ୍ନା ନାହିଁ ।

♦ ଗାଁ ଗହଳିରେ ଆଜି ମଧ ମାଟି ହାଣ୍ଡି, ପାତ୍ରରେ ରୋଷେଇ କରାଯାଉଛି । ହେଲେ ସହରୀ ମଡ୍ୟୁଲାର କିଚେନ୍‌ରେ ଆଲୁମିନିୟମ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍, ନନ୍-ଷ୍ଟିକ୍ ବାସନରେ ପ୍ରୟୋଗ ହେଉଛି । ଯାହାର ଅଧିକ ଅଧିକ ବ୍ୟବହାର କାରଣରୁ ସ୍ୱାସ୍ଥ୍ୟ ଗତ ସମସ୍ୟା ସମୟକ୍ରମେ ଉପୁଜିଥାଏ ।

♦ ମଡ୍ୟୁଲାର କିଚେନ୍‌ରେ ମଧ ମାଟି ପାତ୍ରରେ ରାନ୍ଧିପାରିବେ । ଷ୍ଟିଲ୍ ପରିବର୍ତ୍ତେ ସେରାମିକ୍ ଥାଳିରେ ଖାଦ୍ୟ ଖାଇବା ଭଲ । କିଛି ବର୍ଷ ତଳେ ଲୋକେ ପର୍ବପର୍ବାଣି, ବିବାହ, ବ୍ରତରେ କଦଳୀ ପତ୍ରରେ ପରଷି ଖାଉଥିଲେ । ଆଜିକାଲି କିନ୍ତୁ କାଗଜ ପ୍ଲେଟ୍‌ର ଚାହିଦା ବଢ଼ିବାରେ ଲାଗିଛି ।

♦ ବିଶେଷଜ୍ଞଙ୍କ ମତରେ ଏହି କିଚେନ୍ ପରିଷ୍କାର ରହିଥାଏ । ଜିନିଷ ବ୍ୟବସ୍ଥିତ ରହିବା କାରଣରୁ କାମ କରିବାକୁ ଭଲ ମଧ ଲାଗେ । ହେଲେ ଆମ ପୁରାତନ ପରମ୍ପରାକୁ ନ ଭୁଲି ଆମେ ମସଲାକୁ ସେହିଭଳି ଗୁଣ୍ଡ କରି ଏୟାର୍-ଟାଇଟ୍ ଡବାରେ ରଖିପାରିବା ।



## ହାଡକୁ ନଷ୍ଟ କରିଦେବ ଏହି ୪ ଟି ଖାଦ୍ୟ !

**ଶରୀରର ହାଡ଼କୁ ମଜଭୁତ ରଖିବା ପାଇଁ ଆମକୁ କ୍ୟାଲସିୟମ୍ ଓ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ । କିନ୍ତୁ ଦିନ ସାରା ଆମେ ବହୁ ଏମିତି ଖାଦ୍ୟ ଖାଇଥାଉ ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ । ଫୁଡ୍ ଓ ନ୍ୟୁଟ୍ରିସନ୍ ଏକ୍ସପର୍ଟଙ୍କ କହିବା ଅନୁସାରେ ଏମିତି ଅନେକ ଖାଦ୍ୟ ଅଛି ଯାହା କ୍ୟାଲସିୟମ୍ ଓ ଭିଟାମିନ୍ ଡି'କୁ ଶରୀରରେ ଠିକ୍ ଭାବେ ବିଶୋଷିତ କରାଇଦେଇ ନ ଥାଏ । ଏହା ଯୋଗୁଁ ହେଉଥିବା କ୍ୟାଲସିୟମ୍ ଅଭାବକୁ ଶରୀର ହାଡ଼ରୁ ନେଇ ପୂରଣ କରିଥାଏ । ଏହାଦ୍ୱାରା ହାଡ଼ ଦୁର୍ବଳ ହୋଇ ଫ୍ୟାକଚର୍ (ଭାଙ୍ଗିବା) ହେବାର ଆଶଙ୍କା ବଢ଼ିଯାଏ ।**



**ନମକିନ୍ ଓ ଚିପ୍ସ୍ :** ନମ୍କିନ୍ (ଖଟାମିଠା), ଚିପ୍ସ୍ ଭଳି ସ୍ନାକ୍ସରେ ସୋଡିୟମର ମାତ୍ରା ବହୁ ଅଧିକ ଥାଏ । ଏହାକୁ ଅଧିକ ଖାଇଲେ ଶରୀରର କ୍ୟାଲସିୟମ୍ ମୂତ୍ରାଶୟରୁ ବାହାରକୁ ପଳାଇ ଯାଇଥାଏ, ଯାହା ଦ୍ୱାରା ହାଡ଼ ଦୁର୍ବଳ ହୋଇଯାଏ ।

**ଚିନିଜାତୀୟ ଖାଦ୍ୟ :** ଚିନିଜାତୀୟ ଖାଦ୍ୟ ଓ ପାନୀୟରେ ଫସଫରିକ୍ ଏସିଡ୍ ଭଳି ରାସାୟନିକ ପଦାର୍ଥ ବହୁ ମାତ୍ରାରେ ଥାଏ । ଏହାକୁ ଅଧିକ ମାତ୍ରାରେ ଖାଇଲେ ହାଡ଼ ଦୁର୍ବଳ ହୋଇଯାଏ । ଏମିତିରେ ହାଡ଼ ଭାଙ୍ଗିବା ସମସ୍ୟା ବଢ଼ିପାରେ ।

**ପ୍ୟାକେଟ୍ ଖାଦ୍ୟ :** ପ୍ୟାକେଟରେ ଆସୁଥିବା ପ୍ରୋସେସ୍ଡ (ତିଆରି ହୋଇଥିବା) ଖାଦ୍ୟରେ ସୋଡିୟମର ମାତ୍ରା ଅଧିକ ରହିଥାଏ । ଏହା ଶରୀରରେ କ୍ୟାଲସିୟମ୍ର ମାତ୍ରା କମ୍ କରିଥାଏ । ଏହାଯୋଗୁଁ ହାଡ଼ ଦୁର୍ବଳ ହୋଇଥାଏ ।

**ଜଙ୍କ୍ ଫୁଡ୍ :** ବର୍ଗର, ପିଜ୍ଜା, ପାସ୍ତା ଆଦି ଜଙ୍କ୍ ଫୁଡ୍ରେ ସୋଡିୟମ୍ ଅନେକ ମାତ୍ରାରେ ଥାଏ । ଏହା ମଧ ଶରୀରରେ କ୍ୟାଲ୍ସିୟମ୍ର ମାତ୍ରାକୁ କମ୍ କରିଥାଏ, ଯାହାଦ୍ୱାରା ହାଡ଼ ଦୁର୍ବଳ ହୋଇଥାଏ ।ଆପଣଙ୍କ ଶରୀରର ହାଡ଼ ନଷ୍ଟ ହେବାର ବିପଦକୁ ବଢ଼ାଇଥାଏ ଏହି ୫ଟି ଖାଦ୍ୟ, ଆପଣ ଖାଉ ନାହାନ୍ତି ତ ?

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୩୧ ମଇ ୨୦୨୩, ବୁଧବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ଭାରତ...

ଅନେକ ବାଦ ବିବାଦ, ପୁଣି ଗୋଟିଏ ସପ୍ତାହର ବାକ୍ୟୁଦ୍ଧ ପରେ ଶେଷରେ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଛନ୍ତି ନୂଆ ସଂସଦ ଭବନ । ଏହି ସୁନ୍ଦର ଅତ୍ୟାଧୁନିକ ସଂରଚନା ଆଗାମୀ ମୌସୁମୀ ଅଧିବେଶନଠାରୁ ଆଇନ ନିର୍ମାତାମାନଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ହେବାର ସମ୍ଭାବନା ରହିଛି । ଏହା ବିଶାଳକାୟ ଉପନିବେଶବାଦୀ-ଯୁଗର କୋଠାରୁ ଏକ ନୂଆ କୋଠା ଆଡ଼କୁ ଗତି କରି ଭାରତର ସଂସଦୀୟ ଗଣତନ୍ତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି, ଯାହା ଦେଶର ସମ୍ବିଧାନ ପ୍ରଣୟନ, ସ୍ୱାଧୀନ ଭାରତର ପ୍ରଥମ ସରକାର, ଏବଂ ରାଜନୀତିରେ ଅନେକ ଅଙ୍କାବଙ୍କା ପଥ ଯଥା ଶକ୍ତିଶାଳୀ ଏକ-ଦଳୀୟ ସରକାରଠାରୁ ଆରମ୍ଭ କରି ଅବ୍ୟବସ୍ଥିତ ବହୁଦଳୀୟ ଅଥଚ ଗତିଶୀଳ ମେଣ୍ଟ ସରକାରଙ୍କୁ ମଧ୍ୟ ପ୍ରତ୍ୟକ୍ଷ କରିଛି । ଆମ ସ୍ୱାଧୀନତାର ୭୫ ବର୍ଷରେ ଭାରତ ହେଉଛି ଏକ ନୂଆ ଯୁଗର ଗଣତନ୍ତ୍ର, ଏକ ଗଣତାନ୍ତ୍ରିକ ଢାଞ୍ଚା ଭିତରେ ଆମର ବିବିଧତା ଏବଂ ବହୁବାଦିତା, ଆମର ବିକାଶ ଏବଂ କଲ୍ୟାଣକାରୀ ଆଦର୍ଶ, ଆମ ଭାଷା, ସଂସ୍କୃତି ଏବଂ ପ୍ରଥା ପରମ୍ପରା, ସାମାଜିକ ଏବଂ ଅର୍ଥନୀତିକ ଏଜେନ୍ସି ସମୂହ, ଧର୍ମ ଏବଂ ଜାତିର ସମଷ୍ଟିକୁ ପରିଚାଳନା କରିବା ନିମନ୍ତେ ଆମର ସାମର୍ଥ୍ୟ ଦୃଷ୍ଟିରୁ ସମଗ୍ର ବିଶ୍ୱ ପାଇଁ ଏକ ଆଶାର ଆଲୋକ କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତ ସମଗ୍ର ବିଶ୍ୱକୁ ବାରମ୍ବାର ଦେଖାଇ ଦେଇଛି ଯେ ସବୁ ପ୍ରକାରର ଅସୁବିଧା ଏବଂ ଆଶା ଆଶଙ୍କା ସତ୍ତ୍ୱେ ଗଣତନ୍ତ୍ର ତିଷ୍ଠି ରହିଛି । ଏହା ଆମର ପାର୍ଥକ୍ୟଗୁଡ଼ିକରୁ ଶକ୍ତି ହାସଲ କରିଛି ; ବିବିଧତା ଭିତରେ ଭାରତର ଗଣତନ୍ତ୍ର ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇଛି । ନୂଆ ଭାରତ ତେଣୁ ଏକ ସ୍ଲୋଗାନ୍ ବା ନାରା ନୁହେଁ, ବରଂ ଏକ ନିର୍ବିବାଦୀୟ ସତ୍ୟ । ଏହା ହେଉଛି ଯୁବ ବର୍ଗଙ୍କର ଭାରତ, ଏକ ଉଚ୍ଚାଭିଳାଷୀ ଭାରତ- ଏକ ଭାରତ ଯାହା ନିଜର ଐତିହ୍ୟ, ଇତିହାସ, ଭାଷା, ଏବଂ ସଂସ୍କୃତି ଏବଂ ସଙ୍ଗେ ସଙ୍ଗେ ଚିନ୍ତାଧାରାରେ ବୈଶ୍ୱିକ ଏବଂ ଯାହା ସମଗ୍ର ବିଶ୍ୱ ଉପରେ ଏହାର ସ୍ୱତନ୍ତ୍ରତାର ପ୍ରଭାବ ବିସ୍ତାର କରିବାକୁ ଚାହୁଁଛି ; କେତେକାଂଶରେ କରୁଛି ମଧ୍ୟ । ନୂଆ ଭାରତ ହେଉଛି ଏକ ଭାରତ, ଯାହା କିଛି ଭିନ୍ନ ଭାବରେ ଚିନ୍ତା କରୁଛି କାରଣ ଏହାର ଜନସଂଖ୍ୟାର ଅଧିକାଂଶ ଭାଗ, ଯୁବ ପିଢ଼ି, ଭିନ୍ନ ଭିନ୍ନ ଭାବରେ ଚିନ୍ତା କରୁଛନ୍ତି ଏବଂ ଚାହିଦା ମଧ୍ୟ ରଖୁଛନ୍ତି । ପ୍ରତ୍ୟେକ କାର୍ଯ୍ୟ ଓ ନୀତି ଏବଂ ଚିନ୍ତାଧାରା ସମ୍ପୂର୍ଣ୍ଣ ଭାବରେ ସେମାନଙ୍କର ମୂଲ୍ୟବୋଧ ପ୍ରତି ଅନୁକୂଳ ହେବା ଉଚିତ; ପୃଥିବୀ ଏବଂ ପରିବେଶ ପାଇଁ ଅନୁକୂଳ, ଲୋକମାନଙ୍କ ପାଇଁ ନିରପେକ୍ଷ ଏବଂ କଲ୍ୟାଣକାରୀ ଏବଂ ସେମାନେ ଯେଉଁ ଢଙ୍ଗରେ ପ୍ରାର୍ଥନା କରୁଥାନ୍ତୁ ନା କାହିଁକି, ସେମାନଙ୍କର ଲିଙ୍ଗ ଯାହା ହୋଇଥାଉ ନା କାହିଁକି, ସେମାନଙ୍କର ଖାଦ୍ୟ ପାନୀୟ ଯେତେ ଭିନ୍ନ ହୋଇଥାଉ ନା କାହିଁକି କିମ୍ବା ଅନ୍ୟାନ୍ୟ ଯେ କୌଣସି ପ୍ରକାରର ସ୍ୱତନ୍ତ୍ରତା ସେମାନଙ୍କଠାରେ ପରିଲକ୍ଷିତ ହେଉଥାଉ ନା କାହିଁକି, ସମସ୍ତଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ହେବା ଉଚିତ । ସାମ୍ପ୍ରତିକ ସମୟର ଯୁବ ପିଢ଼ି ଅସଂଖ୍ୟ ପ୍ରକାରର ଭିନ୍ନ ଭାବନା ସତ୍ତ୍ୱେ ସେମାନଙ୍କର ମାନବିକତାକୁ ଯେ କୌଣସି ବ୍ୟକ୍ତି ବା ବସ୍ତୁ ବିରୋଧ କରେ, ତା'ର ବିରୋଧ କରନ୍ତି । ସେମାନେ ପ୍ରଚଣ୍ଡ ଭାବରେ ସେମାନଙ୍କର ମତାମତ କ୍ଷେତ୍ରରେ ଭିନ୍ନତା ପ୍ରକାଶ କରନ୍ତି ସତ, କିନ୍ତୁ ଏକ ଚଳଚଞ୍ଚଳ ଗଣତନ୍ତ୍ର ଯାହା ସେମାନଙ୍କର ଉଭୟ ଉତ୍କର୍ଷ ଏବଂ ନିଷ୍ପକ୍ଷତା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ, ତା'ର ଆବଶ୍ୟକତା ଦିଗରେ ନିର୍ଦ୍ୱନ୍ଦ୍ୱରେ ଏକମତ । ଏଭଳି ଏକ ନୂଆ ଭାରତ ଦାବି କରେ, ଆବଶ୍ୟକ କରେ ଏବଂ କାମନା କରେ ଏକ 'ନୂଆ ଗଣତନ୍ତ୍ର'ର । ଏବଂ ଏଭଳି ଏକ ନୂଆ ଗଣତନ୍ତ୍ର ଆବଶ୍ୟକ କରେ ଏକ ନୂଆ ଆଦର୍ଶ, ଏକ ନୂଆ ଠିକଣା ଏବଂ ଏକ ନୂଆ ମୌଳିକ ଭାବରେ ଭାରତୀୟ-ପରମ୍ପରା ବହନ କରୁଥିବା ନୂଆ କାର୍ଯ୍ୟାଳୟର । ତେଣୁ ଏଥିରେ ସନ୍ଦେହ ନାହିଁ ଯେ ଏମିତି ଏକ ପିଢ଼ି ପାଇଁ ନୂତନତାର ପ୍ରତୀକ ପାଲଟି ଥିବା ଏକ ସଂସଦ ଭବନର ଆବଶ୍ୟକତା ଥିଲା । ସରକାର ଅନୁଭବ କରିଥିଲେ ଯେ ଏହାଙ୍କର ଗଣତାନ୍ତ୍ରିକ ଜନାଦେଶକୁ ଅସମ୍ମାନ ପ୍ରଦର୍ଶନ କରାଯାଉଛି ଏବଂ ବିରୋଧୀମାନେ ଅସନ୍ତୁଷ୍ଟ ହେବାର କାରଣ ଥିଲା ସରକାର ତାଙ୍କର ସଂଖ୍ୟାଗରିଷ୍ଠତା ଫଳରେ ସଂସଦୀୟ ପ୍ରକ୍ରିୟାକୁ ଏଡ଼ାଇ ଯାଉଥିବା । ତେଣୁ ନୂଆ ସଂସଦ ଏବଂ ଏହାର କାର୍ଯ୍ୟକର୍ତ୍ତାମାନେ ଏଭଳି ମନୋଭାବରେ ପରିବର୍ତ୍ତନ ଆଣି ସଦନର କାର୍ଯ୍ୟ ଚାଲୁ ରହିବା ପାଇଁ ଭାବ ବିନିମୟର ନୂଆ ପ୍ରଣାଳୀ ବାହାର କରିବାର ଆବଶ୍ୟକତା ରହିଛି । ଦ୍ୱିତୀୟଟି ହେଉଛି, ମଧ୍ୟମ-କାଳୀନ ଏବଂ ଏହା ସଂସଦୀୟ ପ୍ରକ୍ରିୟାଗୁଡ଼ିକର ସଶକ୍ତିକରଣ ସହିତ ସମ୍ପୃକ୍ତ । ବେଶ୍ କିଛି ବର୍ଷ ହେବ ସଂସଦୀୟ ଷ୍ଟାଣ୍ଡିଂ କମିଟିଗୁଡ଼ିକୁ ପଠା ଯାଉଥିବା ବିଲ୍‌ଗୁଡ଼ିକର ସଂଖ୍ୟା କମି ଯାଉଥିବା ଦେଖିବାକୁ ମିଳୁଛି । ଏଥି ସହିତ ସଦନରେ ବିତର୍କ ଏବଂ ଆଲୋଚନାଗୁଡ଼ିକର ସଂଖ୍ୟାରେ ମଧ୍ୟ ହ୍ରାସ ଘଟୁଥିବା ଦେଖିବାକୁ ମିଳୁଛି । ନୂଆ ସଦନରେ ଆଇନ ନିର୍ମାତା ଏବଂ କର୍ତ୍ତୃପକ୍ଷମାନେ କିପରି ଉଭୟ ପକ୍ଷ ବିଭିନ୍ନ ପ୍ରସଙ୍ଗର ଉତ୍ଥାପନ କରିବା ସହିତ ଏହା ଉପରେ ପର୍ଯ୍ୟାପ୍ତ ଆଲୋଚନା ପାଇଁ ସମୟ ରହିବ, ତା'ର ଉପାୟ ବାହାର କରିବା ଉଚିତ । ତୃତୀୟଟି ହେଉଛି, ୨୦୨୬ ସୁଦ୍ଧା ସଂସଦୀୟ ନିର୍ବାଚନ ମଣ୍ଡଳୀଗୁଡ଼ିକର ପୁନର୍ଗଠନ କରିବା । ଏହାକୁ ନେଇ କେତେକ ଅସୁବିଧା ମଧ୍ୟ ସାମ୍ନାକୁ ଆସି ସାରିଛି । ତେଣୁ ଏହାକୁ ନିର୍ବିବାଦୀୟ କରିବାକୁ ନୂତନ ସଦନର ସଦସ୍ୟମାନେ ଉଦ୍ୟମ କରିବା ଉଚିତ । ଏସବୁ ପରୀକ୍ଷା ଅବଶ୍ୟ କଠିନ, କିନ୍ତୁ ଅନତିକ୍ରମଣୀୟ ନୁହେଁ । ଠିକ୍ ଯେମିତି ଭାରତର ଗଣତନ୍ତ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଏହାର ୭୫ ବର୍ଷର ଯାତ୍ରାରେ ସଫଳତାର ସହିତ ମୁକାବିଲା କରି ଆସିଛି, ସେହିଭଳି ଦୃଢ଼ ଇଚ୍ଛାଶକ୍ତି ଏବଂ କର୍ମତତ୍ପରତାର ସହିତ ଉପରୋକ୍ତ ଆହ୍ୱାନଗୁଡ଼ିକର ମଧ୍ୟ ମୁକାବିଲା କରିବା ଆବଶ୍ୟକ ।

# ସାମ୍ବିଧାନିକ ମୂଲ୍ୟକୁ ସମୃଦ୍ଧ କରିବ ନୂଆ ସଂସଦ ଭବନ

## ଗୋପାଳ ମହାପାତ୍ର



ନବନିର୍ମିତ ସଂସଦ ଭବନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିଛନ୍ତି । ବାଦ ବିବାଦ, ଉଦ୍‌ଘାଟନର ତାରିଖ ଓ ରାଷ୍ଟ୍ରପତି ଏହାର ଉଦ୍‌ଘାଟନ କରନ୍ତୁ ବୋଲି କଂଗ୍ରେସର ଦାବି ଏପରିକି ଏ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା, ହେଲେ ପରିଶେଷରେ ପ୍ରଧାନମନ୍ତ୍ରୀ ଏହାର ଉଦ୍‌ଘାଟନ କରିଛନ୍ତି । ଭାରତୀୟ ସଂସ୍କୃତିରେ ଭଗବାନଙ୍କୁ ଯେଉଁ ସ୍ଥାନ ଦିଆଯାଏ ଗଣତନ୍ତ୍ରରେ ସଂସଦର ସ୍ଥାନ ମଧ୍ୟ ଠିକ୍ ସେହିପରି । ଭାରତରେ ସଂସଦକୁ ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଏ । ଆମ ସମ୍ବିଧାନ ନିର୍ମାତାମାନେ କହିଛନ୍ତି ଯେ, ଗଣତନ୍ତ୍ରରେ ପ୍ରତ୍ୟେକ ବିଚାରର କେନ୍ଦ୍ରବିନ୍ଦୁ ସଂସଦ ଏବଂ ରାଷ୍ଟ୍ର ନିର୍ମାଣରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ୨୦୨୦ ମସିହା ଡିସେମ୍ବର ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦର ନୂଆ ଭବନର ଶିଳାନ୍ୟାସ କରିଥିଲେ । ଏହି ନୂତନ ସଂସଦ ଭବନକୁ ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କରାଯାଇଛି । ୪ ମହଲା ବିଶିଷ୍ଟ ଏହି ଭବନରେ ୧୨୭୨ଜଣ ସାଂସଦଙ୍କ ବସିବାର ବ୍ୟବସ୍ଥା କରାଯାଇଛି । ପୁରୁଣା ସଂସଦ ଭବନରେ ଲୋକସଭାରେ ୫୫୦ ଓ ରାଜ୍ୟ ସଭାରେ ୨୫୦ଜଣ ସାଂସଦଙ୍କର ବସିବାର ବ୍ୟବସ୍ଥା ଥିଲା । ଭବିଷ୍ୟତର ଆବଶ୍ୟକତା (ସଂସଦୀୟ କ୍ଷେତ୍ର ବଢ଼ିବା)କୁ ଦୃଷ୍ଟିରେ ରଖି ଏହି ନୂତନ ଭବନରେ ଲୋକସଭାରେ ୮୮୮ ଓ ରାଜ୍ୟସଭାରେ ୩୮୪ଜଣ ସାଂସଦଙ୍କ ବସିବାର ବ୍ୟବସ୍ଥା କରାଯାଇଛି । ଏଥିସହିତ ସଂସଦ ସଦସ୍ୟମାନଙ୍କ ପାଇଁ ଏକ ବିରାଟ ଲାଉଞ୍ଜ, ଗୋଟିଏ ପୁସ୍ତକାଳୟ, ଅନେକ ସମିତି କକ୍ଷ, ଭୋଜନ ପାଇଁ ବ୍ୟବସ୍ଥା ଏବଂ ପର୍ଯ୍ୟାପ୍ତ ଗାଡ଼ି ରଖାଯିବାର ବ୍ୟବସ୍ଥା କରାଯାଇଛି । କିନ୍ତୁ ଦେଶର ଅନେକ ଲୋକ ଗଣତନ୍ତ୍ରରେ ସଂସଦର ଭୂମିକା କ'ଣ ସେ କଥା ଜାଣିନାହାନ୍ତି, ଯାହା ଜାଣିବା ଦରକାର ।

୧୩ଶ ଶତାବ୍ଦୀରେ ରଚନା କରାଯାଇଥିବା ମେଗ୍ନା କାର୍ଟକୁ ଅନେକ ବିଦ୍ୱାନ ଗଣତନ୍ତ୍ରର ବୁନିଆଦ ବୋଲି କହିଥାଆନ୍ତି । କିନ୍ତୁ ମେଗ୍ନାକାର୍ଟର ବହୁ ପୂର୍ବରୁ ଭାରତରେ ଗଣତନ୍ତ୍ର ଥିଲା । ୧୨ ଶତାବ୍ଦୀରେ ଭାରତରେ ଭଗବାନ ବସବେଶ୍ୱରଙ୍କର 'ଅନୁଭବ ମଣ୍ଡପମ୍' ଥିଲା । ଅନୁଭବ ମଣ୍ଡପମ୍ ରୂପରେ ଲୋକ ସଂସଦର ନିର୍ମାଣ କରାଯାଇଥିଲା ଓ ତାହାର ସଞ୍ଚାଳନ ମଧ୍ୟ କରାଯାଉଥିଲା । ଭଗବାନ ବସବେଶ୍ୱର କହିଥିଲେ ଯେ, ଏହି ଅନୁଭବ ମଣ୍ଡପମ୍ ଏଭଳି ଏକ ଜନସଭା, ଯାହା ରାଜ୍ୟ ଏବଂ ରାଷ୍ଟ୍ରର ହିତ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟ ଓ ରାଷ୍ଟ୍ରର ଉନ୍ନତି ପାଇଁ ସମସ୍ତଙ୍କୁ ଏକଜୁଟ୍ ହୋଇ କାମ କରିବାର ପ୍ରେରଣା ଯୋଗାଇଦେବ । କର୍ଣ୍ଣାଟକର ଏହି ଅନୁଭବ ମଣ୍ଡପମ୍‌କୁ ବିଶ୍ୱର ପ୍ରଥମ ଧାର୍ମିକ ସଂସଦ ବୋଲି କୁହାଯାଇପାରେ । ଏହାକୁ ଗଣତନ୍ତ୍ରର ଏକ ସ୍ୱରୂପ ବୋଲି କୁହାଯାଇପାରେ । ସେହିଭଳି ତାମିଲନାଡୁରେ ଚେନ୍ନାଇଠାରୁ ୮୦ କି.ମି. ଦୂରରେ ଥିବା ଉତ୍ତରାମେରୁର ନାମକ ଏକ ଗ୍ରାମରେ ଐତିହାସିକ ପ୍ରମାଣ ରହିଛି । ଏହି ଗ୍ରାମରେ ଚୋଳ ସାମ୍ରାଜ୍ୟ ସମୟରେ ଦଶମ ଶତାବ୍ଦୀରେ ପଥର ଉପରେ ତାମିଲ୍ ଭାଷାରେ ପଞ୍ଚାୟତ ବ୍ୟବସ୍ଥାର ବର୍ଣ୍ଣନା କରାଯାଇଥିବା କଥା ଏବେ ମଧ୍ୟ ଦୃଶ୍ୟମାନ । ପ୍ରତି ଗ୍ରାମକୁ ବିଭାଜିତ କରାଯାଇଥିଲା ବୋଲି ଏହି ପଥରରେ ଲେଖାଯାଇଛି । ପ୍ରତି ଗ୍ରାମରୁ ଜଣେ ଜଣେ ପ୍ରତିନିଧିଙ୍କୁ ମହାସଭାକୁ ପଠାଯାଉଥିଲା । ହଜାର ବର୍ଷ ପୂର୍ବେ ଏହି ଗ୍ରାମରେ ଯେଉଁ ମହାସଭା ବସୁଥିଲା, ଆଜିବି ସେଠାରେ ସେଭଳି ମହାସଭା ବସୁଛି । ହଜାର ବର୍ଷ ପୂର୍ବରୁ ସୃଷ୍ଟ ଏହି ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗୋଟିଏ କଥା ମହତ୍ତ୍ୱପୂର୍ଣ୍ଣ ଥିଲା, ତାହା ହେଉଛି ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷିତ କରାଯିବା । ସେତେବେଳେ ଯେଉଁ ଲୋକ (ନିର୍ବାଚନ ଲଢ଼ିବା ପାଇଁ ଆଗ୍ରହୀ ପ୍ରାର୍ଥୀ) ତାର ସମ୍ପତ୍ତିର ହିସାବ ଦେଉନଥିଲା, ତାକୁ ଏବଂ ତା'ର ସମ୍ପର୍କୀୟମାନଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଅଯୋଗ୍ୟ ଘୋଷିତ କରାଯାଉଥିଲା । ଏଣୁ ବହୁବର୍ଷ ପୂର୍ବେ କେତେ ଗୁରୁତ୍ୱର ସହ ସେମାନେ ଚିନ୍ତା କରୁଥିଲେ ଓ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି କରିଥିଲେ ସେ କଥା ସ୍ପଷ୍ଟ ଅନୁମେୟ ।

ଗଣତନ୍ତ୍ରରେ ଏଭଳି ଇତିହାସ ଦେଶର ଅନେକ ସ୍ଥାନରେ ଦେଖିବାକୁ ମିଳେ । ସଭା, ସମିତି ଭଳି ଶବ୍ଦ ଆବାହମାନ କାଳରୁ ପ୍ରଚଳିତ ଅଛି । ବହୁବର୍ଷ ପୂର୍ବେ ସାକ୍ୟ, ମଲ୍ଲମ ଏବଂ ବେଜି ଭଳି ଗଣତନ୍ତ୍ର ହେଉ ମଲ୍ଲକ, ମରକ ଏବଂ କମ୍ବୋଜ ଭଳି ଗଣରାଜ୍ୟ ହେଉ ଅଥବା ମୌର୍ଯ୍ୟ କାଳର କଳିଙ୍ଗ ସବୁଠି ଶାସନର ଆଧାର ଥିଲା ଗଣତନ୍ତ୍ର । ହଜାର ହଜାର ବର୍ଷ ପୂର୍ବେ ରଚିତ ଋକ୍‌ବେଦରେ ଗଣତନ୍ତ୍ରର ବିଚାରକୁ ସମଜ୍ଞାନ ଅଥବା ସମୂହ ଚେତନା ରୂପରେ ଦେଖାଯାଇଛି । ସଂସଦୀୟ ବ୍ୟବସ୍ଥାରେ ଶାସକ ପକ୍ଷ ଏବଂ ବିପକ୍ଷ ପକ୍ଷରେ ଶତତ ଆଲୋଚନା, ସହମତି, ସହଯୋଗ, ସ୍ୱୀକାର ଏବଂ ସମ୍ମାନର ଭାବ ରହିବା ଆବଶ୍ୟକ । ଏହା ହେଉଛି ଗଣତନ୍ତ୍ରର ବିଶେଷତା । ଏଥିରେ ହିଁ ସଂସଦୀୟ ପରମ୍ପରାର ମହିମା ଓ ଗରିମା ରହିଛି । ଅନେକେ ଏହାକୁ ଗୁରୁତ୍ୱ ଦେଇନପାରନ୍ତି, କିନ୍ତୁ ମୂଲ୍ୟର ଅବମୂଲ୍ୟାୟନ ହେଉଥିବା ଆଜିର ସମୟରେ ଏଭଳି ରାଜନୀତିର ଅଧିକ ଆବଶ୍ୟକତା ରହିଛି । ଏଭଳି ରାଜନୀତି ହିଁ ରାଷ୍ଟ୍ରନୀତିରେ ପରିଣତ ହେବାର ସମ୍ଭାବନା ଥାଏ । ଏଭଳି ରାଜନୀତିରେ ଦେଶ ଏବଂ ବ୍ୟବସ୍ଥା ସୁଚାରୁ ରୂପେ ସଂଚାଳିତ ହୋଇପାରିବ । କେବଳ ବିରୋଧ ପାଇଁ ବିରୋଧ କରାଯିବାର ରାଜନୀତିରେ ଦେଶର ବିକାଶ ସମ୍ଭବ ନୁହେଁ । ବିପକ୍ଷକୁ ସାଥୀରେ ନେବା ଶାସକ ପକ୍ଷର ଦାୟିତ୍ୱ । ସେହିଭଳି ବିପକ୍ଷଙ୍କର ଦାୟିତ୍ୱ ହେଉଛି, ରାଷ୍ଟ୍ରୀୟ ସ୍ୱାର୍ଥରେ ସରକାରଙ୍କୁ ସହଯୋଗ କରିବା । ଗଣତନ୍ତ୍ରରେ ସରକାର ତ୍ରୁଷ୍ଟି ଏବଂ ବିରୋଧି ଜାଗ୍ରତ ପ୍ରହରୀର ଭୂମିକା ନିର୍ବାହ କରିବା ଉଚିତ୍ ।

ଭାରତର ବଡ଼ ଶକ୍ତି ହେଉଛି, ସଫଳ ବହୁଦଳୀୟ ସଂସଦୀୟ ଗଣତାନ୍ତ୍ରିକ ପ୍ରଣାଳୀ । ଭାରତର ସଂସଦ ନିଜର ପ୍ରକୃତି ଓ ପରମ୍ପରାରେ ଅନ୍ୟମାନଙ୍କଠାରୁ ଭିନ୍ନ । ଏଠି ପ୍ରୀତି, ଏବଂ କଳହ ଏକା ସାଥୀରେ ଚାଲନ୍ତି। ଏଠି ମତଭେଦ ତ ରହିଛି କିନ୍ତୁ ମନାନ୍ତର ନାହିଁ । ଏହା ହେଉଛି ସେହି ସଂସଦ ଯେଉଁଠି ଅଟଳ ବିହାରୀ ବାଜପେୟୀ, ଜ୍ୟୋତିବସୁ, ମଧୁଲିମାଏ, ପିଲୁ ମୋଦି, ଜଗତ୍‌ଜୀବନ ରାମ୍, ଚୌଧୁରୀ ଚରଣ ସିଂହ, ଚନ୍ଦ୍ରଶେଖର, ଜର୍ଜ ଫର୍ଣ୍ଣାଡିସ୍, ହେମବତୀ ନନ୍ଦ ବହୁଗୁଣା, ନରସିଂହ ରାଓ, ପ୍ରଣବ ମୁଖାର୍ଜୀ ଓ ସୁଷମା ସ୍ୱରାଜଙ୍କ ଭଳି ସାଂସଦମାନେ ପକ୍ଷ ଓ ବିପକ୍ଷରେ ରହି ମଧ୍ୟ ଆଦର୍ଶ ଗଣତାନ୍ତ୍ରିକ ପରମ୍ପରାକୁ ମଜଭୁତ୍ କରିଛନ୍ତି ଏବଂ ନୈତିକ ମୂଲ୍ୟ ଓ ସଂସ୍କାର ରକ୍ଷା କରିଛନ୍ତି । ମାନ ମର୍ଯ୍ୟାଦା ଆମ ପରମ୍ପରାର ସବୁଠାରୁ ମାନ୍ୟ, ପରିଚିତ ଓ ପ୍ରଚଳିତ ଶବ୍ଦ । ଆମେ ଶତ୍ରୁ, ମିତ୍ର ସମସ୍ତଙ୍କୁ ଆପଣାର ବୁଲି ଭାବୁଛେ । ଭିନ୍ନ ବିଚାରକୁ ସମ୍ମାନ କରୁଛେ, ଏହା ହେଉଛି ଭାରତର ସଂସଦର ରୀତି, ନୀତି, ପ୍ରକୃତି ଏବଂ ସଂସ୍କୃତି ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ତମାଖୁ ମୁକ୍ତ ଜୀବନ

## ବୈଷ୍ଣବ ମେହେର



ତମାଖୁ ସେବନର ଫଳ କେତେ ଭୟଙ୍କର ଏକଥା ବୋଧେ କାହାରିକୁ ଅଛପା ନୁହେଁ । ସମାଜରେ ଯେତେ ଅଘଟଣ ଘଟୁଛି ଏହାର ପଛରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ତମାଖୁ ସେବନର କରାମତି ହିଁ ନିହିତ ରହିଛି । ପ୍ରାୟ ପ୍ରତ୍ୟେକ ସ୍ଥାନରେ ନିଶା ସେବନକୁ ବିରୋଧ କରାଯାଇ ଆସୁଛି । ଆଶ୍ଚର୍ଯ୍ୟର ବିଷୟ ଯେ, ଯେଉଁ ମାନେ ତମାଖୁ ସେବନ କରନ୍ତି ସେମାନେ ମଧ୍ୟ ଏହା ସପକ୍ଷରେ ଥିବା ଦେଖାଯାଇ ନାହିଁ । ପ୍ରତିଦିନ କେଉଁଠି ନା କେଉଁଠି ଏସବୁ ନିଶା ବିରୋଧରେ ସ୍ୱର ଉତ୍ତୋଳନ କରାଯାଉଛି । ନିଶା ନିବାରଣ ନିମନ୍ତେ କଡ଼ାକଡ଼ି ଆଇନ ମଧ୍ୟ ଲାଗୁ କରାଯାଇଛି । ତଥାପି ସମାଜରେ ତମାଖୁ ସେବନକାରୀଙ୍କ ସଂଖ୍ୟା ବଢ଼ୁଥିବା ଉଦବେଗର ବିଷୟ ।

ତମାଖୁ ସେବନର ସର୍ବଶେଷ ପରିଣତି ଯେ ଜୀବନହାନି, ଏହା ଜାଣିବା ସତ୍ତ୍ୱେ ଲୋକେ ତମାଖୁ ସେବନକୁ ଛାଡ଼ି ପାରୁନାହାନ୍ତି । ଆକଳନ ଅନୁଯାୟୀ ତମାଖୁ ସେବନ ଯୋଗୁଁ ପ୍ରତିଘଣ୍ଟାରେ ଭାରତରେ ନବେ ଜଣ ଏବଂ ବିଶ୍ୱରେ ପ୍ରାୟ ଦଶ ହଜାର ଲୋକଙ୍କ ମୃତ୍ୟୁ ଘଟିଥାଏ । ମାଦକ ଦ୍ରବ୍ୟରେ ଥିବା କ୍ଷତିକାରକ ନିକୋଟିନ୍ ମଣିଷର ମସ୍ତିଷ୍କରୁ ଡୋପାମାଇନ୍ ନାମକ ହରମୋନର କ୍ଷରଣ କରିଥାଏ । ଯେଉଁ ହରମୋନ କ୍ଷଣିକ ସମୟ ପାଇଁ ବ୍ୟକ୍ତିକୁ ତାଜା ଅନୁଭବ ଦେବା ସହ ଖୁସି ଦେଇଥାଏ । କର୍ମକ୍ଲାନ୍ତ ଜୀବନରେ ଏହି କ୍ଷଣିକ ଆନନ୍ଦ ଏକ କ୍ଷୁଦ୍ର ବିଷ ବୀଜ ବପନ କରେ । ଯାହା ଧିରେଧିରେ ବିଶାଳ ଦ୍ରୁମରେ ପରିଣତ ହୋଇ ବ୍ୟକ୍ତି ଶରୀରର ପ୍ରଭୁତ କ୍ଷତି ଘଟାଇଥାଏ । ତମାଖୁରେ ସାତ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଥିବା ବେଳେ ସେମଧ୍ୟରୁ ଷାଠିଏଟି କର୍କଟ ରୋଗ ସୃଷ୍ଟିକାରୀ ବୋଲି ଚିକିତ୍ସା ବିଜ୍ଞାନୀ କହନ୍ତି । ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସଫୁସ, ମୁଖଗହ୍ୱର, ଜିଭ, ମୂତ୍ରାଶୟ ଆଦିରେ କର୍କଟ୍ ରୋଗ ଦେଖା ଦେଇଥାଏ । ଚିନ୍ତାର ବିଷୟ ଯେ ୯୫ ପ୍ରତିଶତ ମୁଖଗହ୍ୱର କର୍କଟର ପ୍ରମୁଖ କାରଣ ହେଉଛି ତମାଖୁ । କେବଳ କର୍କଟ ନୁହଁ ତମାଖୁ ସେବନ ଦ୍ୱାରା ହୃଦଘାତ ଆଶଙ୍କା ମଧ୍ୟ ବୃଦ୍ଧି ପାଇଥାଏ । ସମ୍ବେଦନଶୀଳ ବିଷୟ ଯେ, ଗର୍ଭାବସ୍ଥାରେ ଥିବା ଶିଶୁର ଶାରୀରିକ ଓ ମାନସିକ ବିକାଶରେ ତମାଖୁର ପ୍ରଭାବ ପଡ଼ିଥାଏ । ନିକଟରେ ବ୍ରିଟେନର ୟୋର୍କ ୟୁନିଭରସିଟିର ବୈଜ୍ଞାନିକଙ୍କ ଗବେଷଣା ମତେ ବିଶ୍ୱରେ ଧୂମପାନ ଓ ତମାଖୁ ସେବନଜନିତ ରୋଗ ମଧ୍ୟରୁ କେବଳ ଭାରତରେ ସତୁରି ପ୍ରତିଶତ ଦେଖାଯାଏ । ଅପରପକ୍ଷେ ଆମ ପଡ଼ୋଶୀ ପାକିସ୍ଥାନରେ ମାତ୍ର ସାତ ପ୍ରତିଶତ ଓ ବାଙ୍ଗଲାଦେଶରେ ପାଂଚ ପ୍ରତିଶତ ଦେଖାଯାଉଥିବା କୁହାଯାଇଛି । ତମାଖୁ ସେବନରେ ଅଭ୍ୟସ୍ତ ହୋଇଯାଇଥିବା ବ୍ୟକ୍ତି ନିକଟରେ ନିଜ ଜୀବନ କେତେ ମୂଲ୍ୟହିନ ତାହା ଗତବର୍ଷ ଭାଇରାଲ ହୋଇଥିବା ଏକ ଭିଡ଼ିଓରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଭିଡ଼ିଓ କ୍ଲିପର ଦୃଶ୍ୟ ଅନୁଯାୟୀ ଭେଣ୍ଟିଲେଟରରେ ଥିବା ଜଣେ ଗୁରୁତ୍ୱର ରୋଗୀଙ୍କୁ ଅକ୍ସିଜେନ ପାଇପ ଲଗାଯାଇଛି । ନର୍ସ ଜଣକ କ୍ରମାଗତ ଭାବରେ ସେହି ରୋଗୀର ଯତ୍ନ ନେଉଛନ୍ତି । ଠିକ ଏହି ସମୟରେ ରୋଗୀ ଜଣକ ଏକ ଅଜବ ପ୍ରକାରର ଆଚରଣ କରୁଥିବା ଭିଡ଼ିଓରେ ଦେଖିବାକୁ ମିଳୁଛି । ତମାଖୁ ଖଇନି ତିଆରି ବେଳେ ହାତକୁ ଯେମିତି କରାଯାଏ, ରୋଗୀ ଜଣକ ଠିକ ସେମିତି ହାତକୁ ଘଷୁଛନ୍ତି । ଗୁରୁତ୍ୱର ରୋଗୀଙ୍କ ଏଭଳି ଆଚରଣ ତମାଖୁ ସେବନର ଅଭ୍ୟାସ, ଯାହା ଜୀବନମରଣ ସମୟରେ ମଧ୍ୟ ତାଙ୍କୁ ଛାଡ଼ି ପାରୁ ନଥିବା ସମସ୍ତେ ବୁଝି ନିଅନ୍ତି ।

ଅନ୍ୟପକ୍ଷରେ ତମାଖୁ ସହ ବିଭିନ୍ନ ମାଦକ ଦ୍ରବ୍ୟ ବିକ୍ରିରେ ରୋକ୍ ଲଗାଇବା ପାଇଁ ସ୍ୱତଂତ୍ର ଆଇନ ରହିଥିଲେ ହେଁ କାର୍ଯ୍ୟକାରିତାରେ ଉଦ୍ୟମର ଅଭାବ ଯୋଗୁଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ । ଓଡ଼ିଶାରେ ଗତ ୨୦୧୩ ମସିହା ଜାନୁୟାରୀ ମାସ ୩ ତାରିଖଠାରୁ ଫୁଡ଼ ଷ୍ଟାଡାଣ୍ଡ ସେଫ୍ଟି ଆକ୍ଟ ଅନୁଯାୟୀ ଆଇନ ପ୍ରଣୟନ କରାଯାଇ ରାଜ୍ୟରେ ଗୁଟଖା ଉତ୍ପାଦନ ଓ ବିକ୍ରିରେ କଟକଣା ଲଗାଯାଇଛି । ଶିକ୍ଷାନୁଷ୍ଠାନ ଓ ଦେବାଳୟ ଗୁଡ଼ିକର ୧୦୦ ଗଜ ଦୂରତା ମଧ୍ୟରେ କୌଣସି ପ୍ରକାର ତମାଖୁ କିମ୍ବା ମାଦକ ଦ୍ରବ୍ୟ ବିକ୍ରି କରାଯାଇପାରିବ ନାହିଁ ବୋଲି ମଧ୍ୟ ଆଇନ କରାଯାଇଛି । କିନ୍ତୁ ଏମିତି କୌଣସି ଗାଁ କିମ୍ବା ସହର ନାହିଁ ଯେଉଁଠି ଯେତେବେଳେ ଜଣେ ଚାହିଁଲେ ଏସବୁ ମାଦକ ଦ୍ରବ୍ୟ ସହଜରେ ମିଳିପାରୁନାହିଁ । ଆଇନ କରାଯାଇଥିଲେ ମଧ୍ୟ ଏସବୁ ନିଶା ଦ୍ରବ୍ୟ କାରବାରରେ ସାମାନ୍ୟତମ ରୋକ କିପରି ଲାଗି ପାରୁନାହିଁ, ତାହା ସାଧାରଣରେ ଆଶ୍ଚର୍ଯ୍ୟ କଲାଭଳି ନୁହଁ କି ? ତମାଖୁ ସେବନକୁ ଲଗାମ ଦେବା ପାଇଁ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ଆଇନ ଲାଗୁ କରିଛନ୍ତି । ଏପରିକି ତମାଖୁ, ଗୁଟଖା ଓ ସିଗାରେଟ ଭଳି ମାଦକ ଦ୍ରବ୍ୟର ଭୟଙ୍କର ପରିଣତି ବିଷୟରେ ସେବନକାରୀଙ୍କୁ ସତର୍କ କରିବା ପାଇଁ ଏସବୁ ଦ୍ରବ୍ୟର ପକେଟରେ ୮୫ ପ୍ରତିଶତ ସାବଧାନୀ ଚିତ୍ର ଲଗାଇବାର ନୟମ ରହିଛି । ପୁନଶ୍ଚ ଏହି ସବୁ ନିଶାରେ ଫସି ଯାଇଥିବା ଜଣେ ବ୍ୟକ୍ତି ଯଦି ଏଥିରୁ ମୁକ୍ତି ପାଇବାକୁ ଚାହିଁଲେ ସରକାରଙ୍କ ପ୍ରଦତ୍ତ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରି ବିଶେଷଜ୍ଞଙ୍କଠାରୁ ସହାୟତା ପାଇବାର ସୁଯୋଗ ରହିଛି । କିନ୍ତୁ ନିରାଟ ସତ ତ ଏହା ଯେ, ତମାଖୁ ସେବନକାରୀ ସ୍ୱୟଂ ସଚେତନ ନହେବା ଯାଏଁ ତାକୁ ଏସବୁ ନିଶାରୁ କେହି ମଧ୍ୟ ନିବୃତ୍ତ ରଖି ପାରିବେ ନାହିଁ ।

ଉଭୟ ଶାରୀରିକ ଓ ମାନସିକ ସ୍ତରରେ ମଣିଷ ସୁସ୍ଥ ରହିବା ହେଉଛି ତାର ଏକ ମୌଳିକ ଆବଶ୍ୟକତା । ଦେହ ଓ ମନ ଭଲ ରହିଲେ ହିଁ ଠିକ ଭାବରେ ଜୀବନ ଧାରଣ କରିବା ସହଜ ହୋଇଥାଏ । ମଣିଷର ଜୀବନ ଶୈଳୀରେ ତମାଖୁ ସେବନ ଯେ ନାନା ସମସ୍ୟା ତିଆରି କରୁଛି, ତାହା ନୁହେଁ ବରଂ ମଣିଷ ଜୀବନକୁ ଅଭିଶପ୍ତ କରିଦେବାରେ ଏହାର ପ୍ରମୁଖ ଭୂମୀକା ରହିଛି । ତେଣୁ ତମାଖୁ ସେବନର କୁପରିଣାମ ବିଷୟରେ ସମସ୍ତଙ୍କୁ ଅବଗତ ଓ ସଚେତନ କରିବା ପାଇଁ ୧୯୮୭ ମସିହାଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପ୍ରତିବର୍ଷ ମେ ମାସ ୩୧ ତାରିଖକୁ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବରେ ପାଳନ କରିଆସୁଛି । ଦୀର୍ଘ ୩୫ ବର୍ଷ ଧରି ଏହି ଦିବସ ପାଳନ କରାଯାଇ ଆସୁଥିଲେ ମଧ୍ୟ ତମାଖୁ ସେବନକୁ ରୋକିବାରେ ଏହା କେତେ ଦୂର ସଫଳ ହୋଇଛି ତାର ସମୀକ୍ଷା ଜରୁରି ମନେ ହୁଏ । ଉଭୟ ସମୀକ୍ଷା ଓ ସଙ୍କଳ୍ପ ମାଧ୍ୟମରେ ତମାଖୁ ବର୍ଜନର ପରବର୍ତ୍ତି କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଗଲେ ଏ ଦିବସର ମୂଳ ଉଦ୍ଦେଶ୍ୟକୁ ହାସଲ କରାଯାଇ ପାରିବ ।

ଶିକ୍ଷକ
ସିନାପାଲି, ନୂଆପଡ଼ା
ମୋ: ୯୭୭୭୭୫୩୯୩୫




## ନାଇଁ ହଁ ମଝିରେ ଜୀବନ

### ଜୁମର ନାଥ ପାତ୍ର

ଆଉ ତରକି ଯାଉନି ସେ
ପୋଖରୀ ହୁଡ଼ାରୁ ତା' ତାଟି ଯାଏଁ
ଲମ୍ବିଥିବା
ଡାହାଣାଙ୍କ ଆଖିକୁ ଦେଖି
ଯେମିତି ଛନକା ପଶୁଥିଲା ଛାତିରେ
ସଜ ସଜ ସନିଆଟା ଗଲା ପରେ
ସନିଆଟା ଗଲା ଯେ ଥୋଇଦେଇଗଲା
କାକୁଡ଼ି ବାଡି, ଶାଗ କିଆରି ଆଉ
ଏଇ କଞ୍ଚା ଦେହଟାକୁ
ମୋ'ର କିଏ ଦେଖେ ସେ କାକୁଡ଼ି,
ଶାଗକୁ
କ'ଣ ହବ ବା ସେସବୁ ଆଉ
ନିଜ ସଜ ଦେହଟାକୁ ଘୋଡ଼େଇ
ହବାକୁ
କସ୍ତା ଶାଢ଼ୀ ଟା ଯା' ସାହା
ଯୋଉଟା ପୋଡ଼ା ମୁହାଁ ଦେଇଥିଲା
ଗଲା କୁଆଁର ପୁନେଇଁକୁ
ସାଆନ୍ତ ବିଲରେ ଖଟିଲେ
ପେଟ ପୁରେ
ବାଡ଼ ଘୁଣ ଖାଇଲାଣି
କଣ୍ଟା ଆଣି ସଲଖିବାକୁ ଆଉ ଯୁ ନାହିଁ
ଯାଉ ନଇଁଯାଉ ସେଟା
ତାଟି ଦି'ପଟ ବାଉଁଶ ହଳକ ବି
ହଲିଲେଣି
କୋଉ ଗଳି ପଡ଼ିବ ଗୋଟେ
ବର୍ଷାରେ...

ମୁହଁଟା ଟାଣ ବୋଲି
ଭୋକିଲା ଆଖି ଓଠ ଥରେଇ
ଚାଲିଯା'ନ୍ତି ସିନା
କହିବାକୁ ଯୁ କାହାରି ଯୁଟେନି
ହଁ ଗାଁ କୁହାଳିଆ ମଦନା କହିଛି
ଜଳିବ ମୋ ଘରେ ଡୁମ୍ ଆଲୁଅ
ଖଦଡ଼ଖଦଡ଼ିଆ ରାମୁଲୁ କଥା ଦେଇଛି
ମୋଫତରେ ଘରଟେ କରିଦବାକୁ
ସାଆନ୍ତ କହନ୍ତି
ସବୁ ଛାଡ଼ି ଏଇଠି ରହ, ସୁଖରେ ରହିବୁ

ମାଟିକାନ୍ଥରେ ନେସା ମସିଆ ଆଇନାଟା
ବେଳ ଅବେଳରେ ଖତେଇ ହୁଏ
ତା' ଦେହରେ ଅଟକିଯାଇଥିବା
ବାକି ଯୌବନକୁ ଦେଖି
କହେ...ଆଲୋ ମାନିଯା ସମସ୍ତଙ୍କ କଥା
ଭଲରେ ରହିବୁ,
ଭଲ ଖାଇବୁ, ଭଲ ପିନ୍ଧିବୁ
ସୁଖରେ ଦିନ କାଟିବୁ... ଏମିତି କେତେ
କ'ଣ
ହେ...ମିଛେଇଟା...କହି
ମୁହଁ ଫେରେଇ ନଉ ନଉ
ଆଉ ଟିକେ ଚାହେଁ ତା ଭିତରେ
'ମୁଁ'କୁ
ହଜି ହଜେଇବା ମନଟା ତ ସନିଆ
ସାଥିରେ ଗଲା
ଆଉ କ'ଣ ରହିଲା ଯେ...!
ସନିଆ ମୁହଁଟା ମନରୁ
ଯେତେ ଧୂଆଁଳିଆ ହଉଥାଏ
ମନ ବି ଦୂରେଇ ଦୂରେଇ ଯାଉଥାଏ
ଅଜଣା ଅମଡ଼ା ବାଟକୁ...

ଛିଃ...ପାପ ଲୋ...କି ଭାବନା
ଏଗୁଡ଼ାକ
ଛାତିରେ ପକେଇ ମିଶିଯାଏ
ଛିଡ଼ା ମସିଣା, କୋତରା କନ୍ଥାରେ
ତେଲିଆ ତକିଆ ଖୁବ୍ ଶୋଷେ
ଆଖିରୁ ନିଗିଡ଼ି ଆସୁଥିବା ଲୁଣିଆ
ଲୁହକୁ
କୋଉଠି ଖଡଖଡ ଶବ୍ଦ କାନରେ
ବାଜେ
ଡରେନି ସେ
କବାଟ କୋଣରେ ଯେ ଶାବଳ
ଡେରା...

ରାତି ପାହିଯାଏ
ରାତିର ଭାବନାକୁ ରାତି କନ୍ଥାରେ
ଛାଡ଼ି
ପୋଖରୀ ତୁଠ, ଲୁଗା ପାଲଟା,
କବାଟ କିଳିଣି ସାରି
ମିଶିଯାଏ ପୁଣି ସାଆନ୍ତ ବିଲରେ...।

ମୋ: ୬୩୭୦୨୯୮୪୦

## ଚିତ୍ରିତ ପୃଥିବୀ: ବିଚିତ୍ର ମଣିଷ

### ଡ. ଯୁଗଳ କିଶୋର ଷଡ଼ଙ୍ଗୀ

ନିମଗ୍ନ ଆକାଶର ଉଲଗ୍ନ ବଉଦ ଚିରି
ସୂର୍ଯ୍ୟ, ଚନ୍ଦ୍ର ନିତିଦିନିଆ କର୍ମଯୋଗୀ ପାଲଟିଛନ୍ତି
ସେମାନେ ଶୁଭାଶୁଭ ଲଗ୍ନକୁ ଖାତିର ନକରି
ଅନ୍ୟର ସେବା ନିମନ୍ତେ ନିଷ୍ଠାପର ଭାବେ ଉତ୍ସର୍ଗୀକୃତ
ଆଉ ମଣିଷଠାରୁ କୌଣସି ଆଶା ହୃଦୟେ ନରଖି
ତ୍ୟାଗରେ ଶାନ୍ତି ଲଭି ଚାଲିଛନ୍ତି ଗନ୍ତବ୍ୟପଥରେ ।

ଚିତ୍ରିତ ପୃଥିବୀର ବିଚିତ୍ର ମଣିଷ ସଦାସର୍ବଦା ନିଦ୍ରିତ
ଉନ୍ମେଳିତ ଦୃଷ୍ଟିଭଙ୍ଗୀର ଆବଶ୍ୟକତା ରହିଛି
କର୍ମଯୋଗୀଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ବିଧେୟ
କିନ୍ତୁ ପଥଭ୍ରାନ୍ତ ମଣିଷ ପଥଭ୍ରଷ୍ଟ ଦେବତା ଭାବରେ
ଯାତ୍ରା କରିବା ପାଇଁ ବେଶ୍ ଲାଳାୟିତ
'ବିନାଶ କାଳେ ବିପରୀତ ବୁଦ୍ଧି' ।

ଅଥଚ ଦୂର ଦିଗ୍‌ବଳୟ ମଣିଷକୁ ହାତଠାରି
ସୂଚନା ଦେଉଛି, ସୁଯୋଗ ଦେଉଛି
ମଣିଷ ! ତୁ ପ୍ରକୃତ ମଣିଷ ପାଲଟି ଯା'
ବର୍ତ୍ତମାନ ଚତୁର୍ଦ୍ଦିଗରେ ମଣିଷ ଖୋଜାଚାଲିଛି
ତୋର ମଣିଷ ପଣିଆ ଆଧାରରେ ତୋର ଆଧାରକାର୍ଡ ଖଣ୍ଡିକ
ତିଆରି ହେବ, ଇହ-ପର କାଳେ କାର୍ଯ୍ୟରେ ଆସିବା ନିମନ୍ତେ
ତୋର ପ୍ରକୃତ ପରିଚୟ ପ୍ରଦାନ କରିବ
ତୁ ପରା ଭଗବାନଙ୍କ ସୃଷ୍ଟିରେ ଶ୍ରେଷ୍ଠଜୀବ ?

ନୀଳଚକ୍ରନଗର, ଟିଟିଲାଗଡ଼, ବଲାଙ୍ଗୀର

## ଅଦେଖା ଲୁହ

### ସତ୍ୟ ସିଂ ବାଗ

ଜୀବନର ପଥ ଭାରି
ମରୁଚ୍ଚିକାର ନ୍ୟାରା
ଆଜି ଖୁସି ବାସନା
କାଲି ଦୁଃଖର ପସରା !!
ସପନ କେବେ ସତ
କେବେ ହୁଏ ଭଙ୍ଗା ରୁଚା
ବୃକ୍ଷ କେବେ ଫଳେ ଫୁଲେ ଭରା
ତୋ କେବେ ଝାଉଁଳି କିଆରା !!
ଆଗରୁ ନା ଦେଖା ନା ଭାବନା
ଏହି ଦୁଃଖ ବିଷାଦ ର କୁହ
ଧାର ଧାର ହୋଇ ଆଜି ବହୁଛି
ମୋ ଅଦେଖା ଲୁହ......

ଚାରି ଦିଗେ ଅନ୍ଧାରତା
ମନ ର ନାହିଁ ସ୍ଥିରତା
ଗଭୀର ଜଳେ ବୁଡି ଉବୁଡୁବୁ
ଅକିଞ୍ଚନ କିଂଚିତେ କାତରତା !!
ଯେଉଁ ଡାଳ ହାତଇଲେ
ଛିଣ୍ଡି ପଡଇ ସେହି ଶାଖା
ମହା ସମୁଦ୍ର ଅସଂଖ୍ୟର ଢେଉ
ଆଖି କଣ ଦେଖି କରିବ ବ୍ୟାଖ୍ୟା !!
ଆଗରୁ ନା ଦେଖା ନା ଭାବନା
ଏହି ଦୁଃଖ ବିଷାଦ ର କୁହ
ଧାର ଧାର ହୋଇ ଆଜି ବହୁଛି
ମୋ ଅଦେଖା ଲୁହ...............

ମୟୂରାଣୀ ବର୍ଷାର ଯେପରି
ପଥ ଚାହିଁ ବିଭୋର ଆଶାର ଆସକ୍ତି
ହୃଦୟେ ଅନେକ ଯାତନାର ଧାରା
କମ୍ପନେ ଆଘାତ ଘାତେ ସ୍ୱୀକୃତି !!
ମର୍ମାହତ ହୋଇ ହତାଶ
ଅନ୍ଧାର ଛାୟୀ ର ଲିପନୀ
ମନରେ ଅସହ୍ୟ ଶିଳତା
ବିକାର ଆହୁଲା ଅଙ୍କିନି !!
ଆଗରୁ ନା ଦେଖା ନା ଭାବନା
ଏହି ଦୁଃଖ ବିଷାଦ ର କୁହ
ଧାର ଧାର ହୋଇ ଆଜି ବହୁଛି
ମୋ ଅଦେଖା ଲୁହ............

କେବେ ମିଟିବ ଏ
ଶୋକର ଛାୟାର ବର୍ଣ୍ଣ
ପରେ ପରେ ବୋଲି
ବିତି ଚାଲୁଅଛି କରି କରି ଆନ !!
ହରି ଭରସେ ହୋଇ ଆଶ୍ରିତ
ଟିକେ ମିଳୁଛି ଆସୁକ୍ତି
ନିରନ୍ତରେ ଚିନ୍ତିତ ଭାବ
ଦିନେ ନା ଦିନେ ସରିବ
ଏ କୁହ ଭାବ ଅକୁହା ବିରକ୍ତି !!
ଆଗରୁ ନା ଦେଖା ନା ଭାବନା
ଏ ଦୁଃଖ ବିଷାଦର କୁହ
ଧାର ଧାର ହୋଇ ଆଜି ବହୁଛି
ମୋ ଅଦେଖା ଲୁହ........

ତେରେସିଂହା, ଭାୟା - ରିଷିଡା
ଜି - କଳାହାଣ୍ଡି-୭୬୬୦୩୧
ମୋ ୬୩୫୩୩୭୪୫୦୯

# ଜଣା ପଡ଼େ ନାହିଁ ଟାଣେ ପଇସା




## ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ସମଗ୍ର ବିଶ୍ୱରେ ଚିନ୍ତାର କାରଣ ସାଜିଥିବା ପ୍ରମୁଖ ସମସ୍ୟା ଭିତରେ ତମାଖୁ ସେବନ ଅନ୍ୟତମ । ପ୍ରତିବର୍ଷ ପୃଥିବୀର ଜନସଂଖ୍ୟାର ହାରାହାରି ୬ ପ୍ରତିଶତ ଲୋକ ତମାଖୁ ସେବନ ଯୋଗୁଁ ଅକାଳ ମୃତ୍ୟୁବରଣ କରିଥାନ୍ତି । ଶରୀରରେ ଏଭଳି କେତେକ ନିର୍ଦ୍ଦିଷ୍ଟ ଜିନ୍ ରହିଥାଏ ଯାହା ତମାଖୁ ସେବନ ପ୍ରତି ଜଣକୁ ପ୍ରୋତ୍ସାହିତ କରିଥାଏ । ସମ୍ପ୍ରତି ଯୁବପିଢ଼ୀମାନେ ତମାଖୁ ସେବନ ପ୍ରତି ଆକର୍ଷିତ ହୋଇ ନିଜ ଜୀବନକୁ ବିପନ୍ନ କରୁଛନ୍ତି । ତମାଖୁରେ ଥିବା ନିକୋଟିନ୍ ନାମକ ବିଷାକ୍ତ ତତ୍ତ୍ୱ ରକ୍ତରେ ପ୍ରବାହିତ ହୋଇ ସାମୂହିକ କ୍ଷଣିକ ପ୍ରଫୁଲ୍ଲତା ଓ ପରବର୍ତ୍ତୀ ସମୟରେ ସୁସ୍ଥସବଳ ଦେହଟିକୁ ନଷ୍ଟ ବିନଷ୍ଟ କରିଥାଏ । ୨୦୦୦ମସିହାରେ ବିଶ୍ୱ ତମାଖୁ ନିରୋଧ ଦିବସର ସ୍ଲୋଗାନ ଥିଲା ତମାଖୁ ମୃତ୍ୟୁର ଅନ୍ୟତମ ପ୍ରମୁଖ କାରଣ, ୨୦୦୧ରେ ସ୍ଲୋଗାନ ଥିଲା ସେକେଣ୍ଡହ୍ୟାଣ୍ଡ ଧୂମପାନ ମୃତ୍ୟୁକୁ ଡାକିଆଣେ, ସେହିପରି ୨୦୦୨ରେ ତମାଖୁ ମୁକ୍ତ କ୍ରୀଡ଼ା, ୨୦୦୩ରେ ତମାଖୁ ମୁକ୍ତ ଚଳଚିତ୍ର, ତମାଖୁ ମୁକ୍ତ ଫ୍ୟାସନ୍ । ୨୦୦୪ରେ ତମାଖୁ ଦାରିଦ୍ର୍ୟ : ଗୋଟିଏ ବଳୟରେ ଅବସ୍ଥିତ, ୨୦୦୫ରେ ତମାଖୁକୁ ନେଇ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା, ୨୦୦୬ରେ ତମାଖୁ ଏକ ଛଦ୍ମବେଶୀ ମୃତ୍ୟୁ, ୨୦୦୭ରେ ଘରର ଭିତର ପରିବେଶ ତମାଖୁ ମୁକ୍ତ ହେବା ଦରକାର, ୨୦୦୮ରେ ତମାଖୁ ମୁକ୍ତ ଦିବସ, ୨୦୦୯ରେ ତମାଖୁ ସ୍ୱାସ୍ଥ୍ୟଗତ ସତର୍କତା, ୨୦୧୦ରେ ତମାଖୁ ନିୟନ୍ତ୍ରଣରେ ଲିଙ୍ଗ ପ୍ରଭେଦ ଦୂର କରିବା, ୨୦୧୧ରେ ତମାଖୁ ନିୟନ୍ତ୍ରଣ ପାଇଁ ଡବ୍ଲ୍ୟୁଓଏଚ୍ ପକ୍ଷରୁ ନୂତନ ପ୍ରଣାଳୀର ସ୍ଲୋଗାନ ରହିଥିଲା । ତମାଖୁ ସେବନ ଏକ ଭୟଙ୍କର ମାଦକ ଦ୍ରବ୍ୟ । ଯେଉଁଥିରେ ଏକରୁ ଆଠ ପ୍ରତିଶତ ନିକୋଟିନ୍ ନାମକ କ୍ଷାରୀୟ ପଦାର୍ଥ ରହିଥାଏ । ଏହାକୁ ନିୟମିତ ସେବନ କଲେ ମାନସିକ ଅବସାଦ, ଶ୍ୱାସ, ଶାରୀରିକ ଦୁର୍ବଳତା, ରକ୍ତହୀନତା, ଯକୃତ ବିକାର, ଦୃଷ୍ଟିଶକ୍ତି ନାଶ, ମାନସିକ ଅବସାଦ ତଥା ମୁଖର ବିଭିନ୍ନ ରୋଗ ଉତ୍ପନ୍ନ ହୋଇଥାଏ ।

ସିଗାରେଟ କିମ୍ବା ବିଡ଼ି ଧୂଆଁରେ ଚାରି ହଜାରରୁ ଅଧିକ କ୍ଷତିକାରକ ରାସାୟନିକ ପଦାର୍ଥ ରହୁଥିବାରୁ ଏହା ଶରୀର ଭିତରେ ଫୁସ୍‌ଫୁସ୍ କ୍ୟାନସର, ବ୍ରୋଙ୍କାଇଟିସ୍, ହୃଦ୍‌ଘାତ ଏବଂ ମସ୍ତିଷ୍କରେ ଷ୍ଟ୍ରୋକ ଭଳି ମାରାତ୍ମକ ରୋଗ ସୃଷ୍ଟି କରିଥାଏ । ଏହା ମୂତ୍ରାଶୟ, ଖାଦ୍ୟନଳୀ, ବୃକକ୍, ପାକସ୍ଥଳୀ ଓ ଜରାୟୁ କର୍କଟରୋଗର କାରଣ ସାଜିଥାଏ । ସ୍ତ୍ରୀଲୋକମାନେ ଧୂମପାନ କରୁଥିଲେ ଜନ୍ମିତ ଶିଶୁଟି କମ୍ ଓଜନର ହେବା ସହିତ ଶିଶୁଟି ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହେବାର ଯଥେଷ୍ଟ ଆଶଙ୍କା ରହିଥାଏ । ବର୍ତ୍ତମାନର ଯୁବପିଢ଼ୀ ଧୂମପାନ ବ୍ୟତୀତ ତମାଖୁ ଓ ଗୁଟକାକୁ ବହୁଳ ବ୍ୟବହାର କରୁଥିବାରୁ ମୁଖ୍ୟ ଗହ୍ୱର ଓ ଦାନ୍ତ ମାଢ଼ିରେ ବହୁଳ ଭାବରେ କ୍ଷତ ଦେଖାଯାଇଥାଏ । ବିଶ୍ୱ ତମାଖୁ ନିରୋଧ ଦିବସରେ ସମଗ୍ର ବିଶ୍ୱରେ ତମାଖୁ ସେବନର ଅପକାରିତା ସ୍ୱାସ୍ଥ୍ୟଗତ ଭୟାବହତା ଉପରେ ଅଙ୍କୁଶ ଲଗାଇବା ସହ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା । ୧୯୮୭ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଧିବଦ୍ଧ ଭାବରେ ପ୍ରସ୍ତାବ ଆଗତ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚାଳିଶତମ ପ୍ରତିଷ୍ଠା ଦିବସ ଅପ୍ରେଲ ୭, ୧୯୯୮ ମସିହା ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରିବାକୁ ସର୍ବସମ୍ମତି ପ୍ରସ୍ତାବ ମଧ ଗୃହୀତ ହୋଇଥିଲା । ସେ ସମୟରେ ତମାଖୁ ସେବନ କରୁଥିବା ବ୍ୟକ୍ତିମାନଙ୍କୁ ଅତିକମ୍‌ରେ ଗୋଟିଏ ଦିନ ଏଥିରୁ ବିରତ ରହିବାକୁ ସଚେତନ ମାଧ୍ୟମରେ ସେମାନଙ୍କୁ ଅନୁରୋଧ କରାଯାଉଥିଲା । ୧୯୮୮ରେ ଏହି ସଂଗଠନ ପକ୍ଷରୁ ଆଉ ଏକ ପ୍ରସ୍ତାବ ୱାଲର୍ଡ଼ ହେଲଥ୍ ଆସେମ୍ଲି ଅଧିବେଶନରେ ଉପସ୍ଥାପନ କରାଯାଇଥିଲା ଯାହାପାଇଁ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ଭାବରେ ପାଳନ କରାଯାଇ ଆସୁଅଛି ।

ତମାଖୁ ସେବନର ଭୟାବହତା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱର ସହ ବିଚାର କରି ବ୍ୟାପକ ସଚେତନତା ସୃଷ୍ଟି କରିଛନ୍ତି । ସେହିପରି ତମାଖୁକୁ ଆକର୍ଷିତ କରିବା ପାଇଁ ବିଜ୍ଞାପନ, ସାମାଜିକ ଓ ଆଇନଗତ କଟକଣା ନଥିବା ଯୋଗୁଁ ଏହାର ବ୍ୟବହାର ବଢ଼ି ବଢ଼ି ଚାଲିଛି । ରାଜ୍ୟରେ ଅସହାୟ, ଗରିବ, ଅପରିଚିତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ରୋଗୀମାନଙ୍କର ସର୍ବବିଧ କଲ୍ୟାଣ ପାଇଁ ଓଡ଼ିଶା ସରକାର ସ୍ୱତନ୍ତ୍ର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ସଭା, ଆଲୋଚନାଚକ୍ର ଓ ନିର୍ଦ୍ଦିଷ୍ଟ ଭାବରେ କିଛି ବ୍ୟକ୍ତିତ୍ୱଙ୍କର ମାନସିକତା ଓ ଆଧ୍ୟାତ୍ମିକ କ୍ଷେତ୍ରକୁ ପରିବର୍ତ୍ତନ କରିବା ପାଇଁ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସେବାଭିମୁଖୀ ଯୋଜନା ହାତକୁ ନିଆଯାଇଛି । ଦିବ୍ୟମୟ ସ୍ୱାସ୍ଥ୍ୟପାଇଁ ନିଶା ଦ୍ରବ୍ୟ ସେବନ ଓ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜନସଚେତନତା ସୃଷ୍ଟି ହେଉଛି । ତମାଖୁକୁ ପରିତ୍ୟାଗ କରି ମାନସିକସ୍ତରରେ ପ୍ରସ୍ତୁତ ହେଲେ ଜଣେ ଦିବ୍ୟ ଶରୀର ଓ ଦିବ୍ୟ ଚିନ୍ତନର ବ୍ୟକ୍ତିତ୍ୱର ଅଧିକାରୀ ହୋଇପାରିବ । ତେଣୁ ତମାଖୁ ଓ ତମାଖୁ ସେବନ କରୁଥିବା ଲୋକମାନଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ନକରି ସେମାନଙ୍କୁ ସଚେତନ କରି ସ୍ନେହ ଓ ଭଲପାଇବା ଦ୍ୱାରା ସେମାନଙ୍କ ଜୀବନର ଭୟଙ୍କର କୁ-ଅଭ୍ୟାସକୁ ଦୂରେଇ ପାରିଲେ ଆପଣ ଜଣେ ଯଥାର୍ଥ ସେବକ ଭାବରେ ନିଜ ଦାୟିତ୍ୱ ତୁଲାଇ ପାରିବେ । ଏ କ୍ଷେତ୍ରରେ ସରକାରଙ୍କ ଠାରୁ ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଓ ସର୍ବୋପରି ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆସନ୍ତୁ ଆଜିର ଦିନରେ ସମାଜରୁ ତମାଖୁ ମୁକ୍ତ ପରିବେଶକୁ ଦୂରେଇ ଏକ ଦିବ୍ୟମୟ ପରିବେଶ ଓ ଲୋକମାନଙ୍କ ଭିତରେ ସଚେତନତାର ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚାଇ ପାରିବା ।


+ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


# ଶରୀରରେ ପ୍ରୋଟିନ୍ ଅଭାବ ହେଲେ ଉପୁଜିପାରେ ଅନେକ ସମସ୍ୟା: ଏହି ସବୁ ଖାଦ୍ୟ ଖାଇବା ଭଲ



ପ୍ରୋଟିନ୍ ଜଣେ ମଣିଷ ଶରୀର ପାଇଁ କେତେ ଆବଶ୍ୟକ ତାହା କହିବା ଜରୁରୀ ନୁହେଁ । ଶରୀରରେ ପ୍ରୋଟିନ୍‌ର ଅଭାବ ରହିଲେ ଭିନ୍ନ ଭିନ୍ନ ଧରଣର ରୋଗ ସୃଷ୍ଟି ହୋଇଥାଏ । ଶରୀର ଦୈନିକ ପ୍ରୋଟିନ୍ ଆବଶ୍ୟକ କରୁଥାଏ । ଯଦି ଆପଣ ଦୈନିକ କିଛି ନା କିଛି ପ୍ରୋଟିନ୍ ଜାତୀୟ ଖାଦ୍ୟ ଖାଉନାହାନ୍ତି ତେବେ ଆପଣଙ୍କ ଶରୀର ଅସୁସ୍ଥ ହେବା ପାଇଁ ବିଶେଷ ସମୟ ନେବ ନାହିଁ ।

ଯଦି ଆପଣ ବ୍ୟାୟାମ କଲା ବେଳେ ବା ଦୌଡ଼ଧାଆଁ କରିବା ବେଳେ ଯନ୍ତ୍ରଣା ଅନୁଭବ କରୁଛନ୍ତି ତେବେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍‌ର ଅଭାବ ରହିଛି । ଶରୀରକୁ ଯେତିକି ପରିମାଣର ପ୍ରୋଟିନ୍ ଦରକାର ସେତିକି ପରିମାଣର ନାହିଁ ।

ନିଦ ନ ହେବା ସମସ୍ୟା ବି ପ୍ରୋଟିନ୍ ଅଭାବ ସହ ଯୋଡ଼ା । ଶରୀରରେ ପ୍ରୋଟିନ ଭାଗ କମ୍ ଥିଲେ ନିଦ ନହେବା, ଭୋକ ମରିଯିବା ଏବଂ ଚିଡ଼ିଚିଡ଼ା ଲାଗିବା ଆଦି ସମସ୍ୟା ଦେଖା ଯାଇଥାଏ ।

ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ୍ ସ୍ତର ବୃଦ୍ଧି ପାଉଛି ବା ହରମନ ଅସନ୍ତୁଳନ କିମ୍ବା ଅଧିକ ଶର୍କରା ଭାଗ ଦେଖା ଦେଉଛି ତାହେଲେ ବି ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି ।

ଯଦି ଆପଣଙ୍କ ଶରୀର କୌଣସି କ୍ଷତ ସୁଖିବା ପାଇଁ ସମୟ ନେଉଛି ତାହାଲେ ଜାଣିରଖନ୍ତୁ ଯେ ଶରୀରରେ ପ୍ରୋଟିନ୍ ଭାଗ କମ୍ ଅଛି ।

ଅଚାନକ ଓଜନ ବୃଦ୍ଧି ପାଇବା ବି ପ୍ରୋଟିନ୍ ଅଭାବର ଲକ୍ଷଣ । ପ୍ରୋଟିନ୍ ଅଭାବ ଥିଲେ ଉଭୟ ସ୍ୱାସ୍ଥ୍ୟ କମିଥାଏ ନଚେତ ବଢ଼ିଥାଏ ।

ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଜଣେ ପୁରୁଷ ଶରୀର ପାଇଁ ୫୬ ଗ୍ରାମ ଏବଂ ମହିଳା ଶରୀର ପାଇଁ ୪୬ ଗ୍ରାମ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ । ଆପଣ ନିଜ ଶରୀରରେ ପ୍ରୋଟିନ୍ ପରିମାଣ ବଢ଼ାଇବା ପାଇଁ ଦୁଗ୍ଧ ଜାତୀୟ ସମସ୍ତ ଖାଦ୍ୟ ଯେପରିକି ଅଣ୍ଡା, ସିମ୍ବ, ପୋଇ, ମଟର ଛୁଇଁ ଆଦି ଖାଆନ୍ତୁ ।

# ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ । ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି । ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ । ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ । କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ । ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ । କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ । ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ ।

# ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ ପାଇଁ ଏହି ରୋଗ ଅଧିକ ବିପଜ୍ଜନକ: ତେଣୁ ଏବେଠୁ ସାବଧାନ

**ପୁରୁଷ ଓ ମହିଳାଙ୍କ ଶରୀର ଅନେକ କ୍ଷେତ୍ରରେ ଅଲଗା, ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଭିନ୍ନ ହୋଇପାରେ । ରୋଗ ଯେତେ ଦୂର, ଏହି ଉଭୟ ଲିଙ୍ଗକୁ ନିଜ ନିଜ ଉପାୟରେ ସତର୍କ ରହିବାକୁ ପଡିବ ନଚେତ୍ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହୋଇପାରେ । ତଥାପି, କେତେକ ରୋଗ ଏପରି ଯେ ପୁରୁଷଙ୍କ ଅପେକ୍ଷା ପୁରୁଷମାନେ ଅଧିକ ପ୍ରଭାବିତ ହୁଅନ୍ତି । ଆସନ୍ତୁ ଆଜି ସେଗୁଡ଼ିକ ଉପରେ ନଜର ପକାଇବା ।**



ଉଦାସୀନତା: ସାଧାରଣତଃ ବିଶ୍ୱାସ କରାଯାଏ ଯେ ମହିଳାମାନେ ଭାବପ୍ରବଣ ଅଟନ୍ତି, କିନ୍ତୁ ଉଦାସୀନତାର ସମସ୍ୟା ସେମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକ ଦେଖାଯାଏ । ଏହାର କାରଣ ହେଉଛି ମହିଳାମାନେ ସେମାନଙ୍କର ସମସ୍ୟାକୁ ଅଧିକ ପ୍ରକାଶ କରୁଥିବାବେଳେ ପୁରୁଷମାନେ ସେମାନଙ୍କର ଭାବନାକୁ ଲୁଚାନ୍ତି, ଯେଉଁଥିପାଇଁ ସେମାନେ ଭିତରକୁ ଚାପି ହୋଇଯାଆନ୍ତି । ଏହା ଭଲ ଯେ ଯେତେବେଳେ ବି ତୁମେ ବିରକ୍ତ ହୁଅ, ତେବେ ନିଶ୍ଚିତ ଭାବରେ ତୁମର ଘନିଷ୍ଠ ବ୍ୟକ୍ତିଙ୍କ ସହିତ ଏହି ବିଷୟ ସେୟାର କରନ୍ତୁ, ଏହା ଟେନସନ ଏବଂ ଚାପକୁ ଦୂର କରିପାରିବ ।

ହୃଦ୍ ?ରୋଗ: ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ଅଧିକାଂଶ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ଅଧିକ ଥାଏ, କାରଣ ପୁରୁଷମାନେ ଅଧିକ କୋଲେଷ୍ଟ୍ରଲ୍ ସ୍ତର ଦ୍ୱାରା ଅଧିକ ଅସୁବିଧାରେ ପଡ଼ନ୍ତି, ତେଣୁ ସମୟ ସମୟରେ ଆପଣଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଗୁରୁତ୍ୱପୂର୍ଣ୍ଣ ।

ମଧୁମେହ: ପୁରୁଷଙ୍କ ତୁଳନାରେ ପୁରୁଷମାନେ ଅଧିକ ତେଲିଆ ଜିନିଷ ଖାଇଥା'ନ୍ତି, ଯେଉଁ କାରଣରୁ ସେମାନଙ୍କର କୋଲେଷ୍ଟ୍ରଲ ସ୍ତର ବଢିଯାଏ ଯାହା ପରେ ମଧୁମେହର କାରଣ ହୋଇଯାଏ । ସେଥିପାଇଁ ଏହା ଜରୁରୀ ଯେ ଆପଣ କେବଳ ସୁସ୍ଥ ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ଭାବରେ ରକ୍ତରେ ଶର୍କରା ସ୍ତର ଯାଞ୍ଚ କରନ୍ତୁ ।

ଯକୃତ ରୋଗ: ଯଦି ଆପଣ ଏହାକୁ ଦେଖନ୍ତି, ତେବେ ଆପଣ ଦେଖିବେ ଯେ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କଠାରେ ମଦ୍ୟପାନର ନିଶା ଅଧିକ ଦେଖାଯାଏ, ଯେଉଁଥିପାଇଁ ସେମାନଙ୍କର ଯକୃତ ଅଧିକ ପ୍ରଭାବିତ ହୁଏ ଏବଂ ଏହି ଅଙ୍ଗ ସମ୍ବନ୍ଧୀୟ ରୋଗର ଆଶଙ୍କା ବଢିଯାଏ ।

ଫୁସଫୁସ ରୋଗ: ପ୍ରାୟତଃ ଆପଣ ନିଶ୍ଚିତ ଭାବରେ ଦେଖିଥିବେ ଯେ ପୁରୁଷମାନେ ମହିଳାଙ୍କ ଅପେକ୍ଷା ଅଧିକ ଧୂମପାନ କରନ୍ତି ଏବଂ ଘରୁ ବାହାରକୁ ଯିବା କାରଣରୁ ସେମାନେ ଧୂଳି ଏବଂ ପ୍ରଦୂଷଣର ଶିକାର ହୁଅନ୍ତି, ଏପରି ପରିସ୍ଥିତିରେ ପୁରୁଷମାନେ ମଧ ଫୁସଫୁସ ରୋଗରେ ଆକ୍ରାନ୍ତ ହୁଅନ୍ତି ।

# ରାତିରେ କ୍ଷୀର ବଦଳରେ ପିଅନ୍ତୁ ଏହି ଡ୍ରିଙ୍କ୍: ଶୀଘ୍ର ହ୍ରାସ ପାଇବ ଓଜନ

ଗ୍ରୀନ୍ ଟି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଓଜନ ହ୍ରାସ କରିବାରେ ଏହା ବହୁତ ଉପଯୋଗୀ । ଯଦି କାହାରି ଓଜନ ବଢ଼ିଯାଉଛି, ତେବେ ସେମାନେ ଗ୍ରୀନ୍ ଟି ସେବନ କରିପାରିବେ । ଗ୍ରୀନ୍ ଟି ପିଇବା ଦ୍ୱାରା ଓଜନ ନିୟନ୍ତ୍ରଣ ହୋଇଥାଏ । ଯଦି ଗ୍ରୀନ୍ ଟି ସଠିକ୍ ଭାବରେ ବ୍ୟବହୃତ ହୁଏ, ଓଜନ ହ୍ରାସ କରିବାରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ





ହୁଏ । ଏହାର ପ୍ରତିକାର ପାଇଁ ସଠିକ୍ ଉପାୟ ବିଷୟରେ ଆସନ୍ତୁ ଜାଣିବା...

**କେବେ ଗ୍ରୀନ୍ ଟି ପିଇବା ଉଚିତ୍ :**

ଗ୍ରୀନ୍ ଟି'ର ଉପଯୁକ୍ତ ଲାଭ ପାଇବାକୁ ହେଲେ ରାତିରେ ଏହାର ସେବନ କରିବା ଉଚିତ୍ । ରାତ୍ରୀ ଭୋଜନ ପରେ ଗ୍ରୀନ୍ ଟି ପିଇବା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ରାତ୍ରି ଭୋଜନ କରିବାର ପ୍ରାୟ ୧ ରୁ ୧.୫ ଘଣ୍ଟା ପରେ ଏହାକୁ ପିଅନ୍ତୁ । ଏହା ପରେ କିଛି ଖାଇବା ଉଚିତ୍ ନୁହେଁ । ଏହାର ନିୟମିତ ବ୍ୟବହାର ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିବ ।

ଗ୍ରୀନ୍ ଟି ତିଆରି କରିବା ପାଇଁ ଏକ କପ୍ ପାଣିକୁ ସସପେନରେ ପୂରାଇ ଫୁଟାନ୍ତୁ । ଏହାପରେ ଫୁଟୁଥିବା ପାଣିରେ ପାଉଡର କିମ୍ବା ଗ୍ରୀନ୍ ଟି ପତ୍ର ମିଶାନ୍ତୁ । ଏହାକୁ ପ୍ରାୟ ୩ରୁ ୪ ମିନିଟ୍ ଫୁଟାଇବା ପରେ ଗ୍ୟାସ୍ ବନ୍ଦ କରନ୍ତୁ । ବର୍ତ୍ତମାନ ଏହି ଟି'କୁ ଛାଣି ଦିଅନ୍ତୁ । ରାତ୍ରୀ ଭୋଜନ ପରେ ଆପଣ ଏହାକୁ ବ୍ୟବହାର କରିପାରିବେ ।

**ଗ୍ରୀନ୍ ଟି କିପରି କାମ କରେ ?**

କଫିନ୍ ଏବଂ କ୍ୟାଟେଚିନ୍ ନାମକ ଉପାଦାନ ଗ୍ରୀନ୍ ଟିରେ ମିଳିଥାଏ, ଯାହା ମେଟାବୋଲିଜିମ୍ କୁ ବୁଷ୍ଟ କରିଥାଏ । ଯାହା ଆପଣଙ୍କ ଚର୍ବି କମାଇବାରେ ସାହାଯ୍ୟ କରେ । ଗ୍ରୀନ୍ ଟି'ରୁ ଓଜନ ହ୍ରାସ କରେ ପାଇବା ସହ ଶରୀରର ମାସ ଇଣ୍ଡେକ୍ସ ମଧ ହ୍ରାସ ପାଏ । ଏହା ଶରୀରର ଶକ୍ତି ମଧ ବଢ଼ାଇଥାଏ

# ଅନୁଗୁଳ ବନଖଣ୍ଡର ବୃକ୍ଷରୋପଣ ନୀତି: ୧୬ ହଜାର ଚାରା ପାଇଁ ୨୫ ଏକର ଜଙ୍ଗଲ କାଟିଦେଲେ



ଅନୁଗୁଳ , ୩୦/୦୫ (ନି.ପ୍ର): ବୃକ୍ଷରୋପଣ ପାଇଁ ସଂରକ୍ଷିତ ଜଙ୍ଗଲକୁ କରିଦେଲେ ସଫା। ୧୬ହଜାର ଗଛ ଲଗାଇବେ ବୋଲି କାଟି ପଦା କରିଦେଲେ ୨୫ଏକର ପୁରୁଣା ଜଙ୍ଗଲ। ଅନୁଗୁଳ ସହର ଉପକଣ୍ଠ କୁଇଓ ସଂରକ୍ଷିତ ଜଙ୍ଗଲରେ ଅନୁଗୁଳ ବନଖଣ୍ଡର ଏପ୍ରକାର କାର୍ଯ୍ୟ ପରିବେଶପ୍ରେମୀଙ୍କୁ କେବଳ ତାଜୁବ୍ କରିନାହିଁ, ବରଂ ଜଙ୍ଗଲ ପାଇଁ ଅନୁଗୁଳ ବନଖଣ୍ଡ ବାସ୍ତବରେ କ'ଣ ସବୁ କାମ କରୁଛି, ତାହା ବି ପଦାରେ ପଡ଼ିଛି। ସୂଚନା ମୁତାବକ, ଯେଉଁ ଜଙ୍ଗଲ କଟାଯାଇଛି ତାହା ହେଉଛି କୁଇଓ ସଂରକ୍ଷିତ ଜଙ୍ଗଲର କାଉଁଶିତଇଲା ବନ ସୁରକ୍ଷା ସମିତି ଅଧୀନସ୍ଥ ଅଞ୍ଚଳ। ଏ ଜଙ୍ଗଲର ବିଶେଷତ୍ୱ ହେଉଛି ଏହାର ଶାଳବଣ। ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲା ମୁଖ୍ୟାଳୟଠାରୁ ମାତ୍ର ଅନତି ଦୂରରେ ଥିବା ଏହି ପୁରୁଣା ଜଙ୍ଗଲର ଭୂମିକା ପରିବେଶ ସୁରକ୍ଷା ଦିଗରେ ବି କିଛି କମ୍ ନୁହେଁ। ତେଣୁ, ସରକାର ସ୍ଥାନୀୟ ଅଞ୍ଚଳର ଜଙ୍ଗଲକୁ ସଂରକ୍ଷିତ ମାନ୍ୟତା ଦେଇଥିବା ବେଳେ ତାହାର ସୁରକ୍ଷା ଦାୟିତ୍ୱ କୁଇଓ ଏବଂ କାଉଁଶିତଇଲା ବନ ସୁରକ୍ଷା ସମିତି ହାତରେ ଦେଇଛନ୍ତି। କାଉଁଶିତଇଲା ବନ ସୁରକ୍ଷା ସମିତି ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛି। ଏ ଜଙ୍ଗଲରେ ମଧ ବହୁବର୍ଷ ତଳର ଶାଳବଣ ବି ରହିଛି। ଗତ ତିନିମାସ ତଳେ ଅନୁଗୁଳ ବନାଞ୍ଚଳ ଏହି ସଂରକ୍ଷିତ ଜଙ୍ଗଲରେ ହାତ ମାରିଛି। ବନ ସୁରକ୍ଷା ସମିତିର ଆପତ୍ତି ସତ୍ତ୍ୱେ ବନ ବିଭାଗ ମୂଲିଆ ଲଗାଇ ସ୍ଥାନୀୟ ଜଙ୍ଗଲର ପ୍ରାୟ ୨୫ଏକର ଜାଗାରୁ ଗଛ ସବୁ କାଟି ସଫା କରି ଦେଇଛି। ଜଙ୍ଗଲ ସଫାରେ ହଜାର ହଜାର ଗଛ ସବୁ ବଳି ପଡ଼ିଛି। ଏପ୍ରକାର ନିଷ୍ପତ୍ତି ସପକ୍ଷରେ ଯୁକ୍ତି ବାଢ଼ିଛି ବନ ବିଭାଗ। ସ୍ଥାନୀୟ ଫରେଷ୍ଟର ହରମୋହନ ପ୍ରଧାନ କହିଛନ୍ତି, ଏ ଜାଗା ସଂରକ୍ଷିତ ଜଙ୍ଗଲ ହୋଇଥିଲେ ହେଁ ଏହା ପତିତ ଜଙ୍ଗଲ। ଏହାର ମାଟି ପଥୁରିଆ ଅଛି। ତେଣୁ, ଏଠି ଗଛ ବଢ଼ୁନି। ସେଥିପାଇଁ କାମ୍ପା ଯୋଜନାରେ ୧୬ ହଜାର ନୂଆ ଗଛ ଲଗାଇବା ପାଇଁ ଏବର୍ଷ ଯୋଜନା କରାଯାଇଛି। ଗଛ ଲଗାଇଲା ପରେ ତାର ସ୍ୱତନ୍ତ୍ର ଯତ୍ନ ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। କିନ୍ତୁ, ଏଠି ପ୍ରଶ୍ନ ଉଠୁଛି, ଯଦି ମାଟିରେ ଗଛ ବଢ଼ୁନି, ତେବେ ନୂଆ ଚାରା ବଢ଼ିବ କେମିତି ? ଯଦି ନୂଆ ଚାରା ଲଗାଇଲା ପରେ ତାର ସ୍ୱତନ୍ତ୍ର ଯତ୍ନ ବ୍ୟବସ୍ଥା କରିବାକୁ ବନ ବିଭାଗ ଅଣ୍ଟା ଭିଡ଼ୁଛି। ତେବେ ବର୍ଷ ବର୍ଷ ହେଲା ମାଟିରେ ଠିଆ ହୋଇଥିବା ଗଛ ପ୍ରତି ସେତିକି ଯତ୍ନ ନିଆଯାଇଥିଲେ କ'ଣ ଅସୁବିଧା ହୋଇଥା'ନ୍ତା ? ଏହି ପ୍ରଶ୍ନ ଏବେ ସାଧାରଣ ମନରେ ଆନ୍ଦୋଳିତ କରୁଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ପୁରୀ, ୩୦/୦୫ (ନି.ପ୍ର): ବରିଷ୍ଠ ଦଇତାପତି କୃଷ୍ଣଚନ୍ଦ୍ର ଦାସ ମହାପାତ୍ରଙ୍କ ଧର୍ମପତ୍ନୀ ତଥା ଧର୍ମପ୍ରାଣ ମହିଳା ବିଷ୍ଣୁପ୍ରିୟା ଦାସ ମହାପାତ୍ରଙ୍କର ୭୮ ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ସୋମବାର ଅପରାହ୍ନ ୨ଟା ସମୟରେ ମାଟିମଣ୍ଡପ ସାହି ବାସଭବନରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ଜ୍ୟେଷ୍ଠପୁତ୍ର ଦାମୋଦର ଦାସ ମହାପାତ୍ର, ମଧୁସୂଦନ ଦାସ ମହାପାତ୍ର, ନରସିଂହ ଦାସ ମହାପାତ୍ର ଏବଂ ଗୋପାଳ ଦାସ ମହାପାତ୍ରଙ୍କ ସମେତ ପରିବାର ସଦସ୍ୟ ଓ ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ।ବିଷ୍ଣୁପ୍ରିୟାଙ୍କ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଜଣେ ଧର୍ମପ୍ରାଣ ଓ ପରୋପକାରୀ ମହିଳା ଭାବେ ସେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ।

## ମହାକାଳପଡାର ମାଟ୍ରିକ ଟପର ସୌଦାମିନୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୩୦/୦୫ (ନି.ପ୍ର): କେନ୍ଦ୍ରାପଡା ମହାକାଳପଡା ବଉଳକଣୀ ପଂଚାୟତର ପ୍ରେମଚାନ୍ଦ୍ର ହାଇସ୍କୁଲର ଛାତ୍ରୀ ସୌଦାମିନୀ ପାତ୍ର ଚଳିତ ମାଟ୍ରିକ ପରୀକ୍ଷାରେ ଟପର ହୋଇଥିବାରୁ ତାଙ୍କୁ ସରପଂଚ ଓ ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ସୌଦାମିନୀ ହରେକୃଷ୍ଣ ମହାପାତ୍ରଙ୍କ ଝିଅ ଅଟନ୍ତି । ସେ ନିଜ ବିଦ୍ୟାଳୟରୁ କୃତୀତ୍ୱ ଅର୍ଜନ କରି ନିଜ ପଂଚାୟତ ପାଇଁ ଗୌରବ ଅର୍ଜନ କରିଛନ୍ତି । ଏଥିପାଇଁ ତାଙ୍କୁ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଶିକ୍ଷକ ମାନେ ଶୁଭେଚ୍ଛା ଜଣାଇଛନ୍ତି।

## ଓଜେୟୁ ପକ୍ଷରୁ ମନୋଜ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ସୁବର୍ଣ୍ଣପୁର, ୩୦/୦୫ (ନି.ପ୍ର): ରକ୍ତ ଦାନ କ୍ଷେତ୍ର ରେ ସର୍ବଦା ଅଗ୍ରଣୀ ଭୂମିକା ନେଇ ଆସୁଥିବା ସୁବର୍ଣ୍ଣପୁର ର ପୋଲିସ ହାବିଲଦାର ମନୋଜ ପଣ୍ଡାଙ୍କୁ ଭୁବନେଶ୍ୱର ପୋଲିସ ସେବା ଭବନ ଠାରେ ରକ୍ତବନ୍ଧୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ଓଡିଶା ପୋଲିସ ମହା ନିର୍ଦ୍ଦେଶକ ଦ୍ୱାରା ସମ୍ବର୍ଦ୍ଧନା ଦିଆ ଯାଇଥିବାରୁ ଶ୍ରୀ ପଣ୍ଡାଙ୍କୁ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ତଥା ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି । ଗତକାଲି ସୁବର୍ଣ୍ଣପୁର ସର୍କିଟ ହାଉସ ଠାରେ ଓଡିଶା ସାମ୍ବାଦିକ ସଂଘ ଓ ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ଏହି ଅବସରରେ ପୋଲିସ ହାବିଲଦାର ତଥା ରକ୍ତ ଦାତା ସଂଘର ଉଦ୍ୟୋକ୍ତକ୍ଷ ମନୋଜ ପଣ୍ଡାଙ୍କୁ ସ୍ୱାଗତ ଓ କୃତଜ୍ଞତା ଜ୍ଞାପନ କରାଯାଇଛି। ଭାରତୀୟ ସାମ୍ବାଦିକ ସଂଘ(ଆଇଜେୟୁ)ର ଜାତୀୟ ସମ୍ପାଦକ ତଥା ଓଡିଶା ସାମ୍ବାଦିକ ସଂଘ ର ରାଜ୍ୟ ସଭାପତି ଶଶିଭୂଷଣ ପ୍ରହରାଜ ମୁଖ୍ୟ ଅତିଥି ଏବଂ ସଂଘର ରାଜ୍ୟ ଉପ ସଭାପତି ରମଣି ରଞ୍ଜନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରି ଉତ୍ସାହିତ କରିଥିଲେ। ଏବଂ ଶ୍ରୀ ପଣ୍ଡାଙ୍କ ଉତ୍ସର୍ଗୀକୃତ ସେବା ଓ ଏଭଳି ପ୍ରତିଭା ହିଁ ଆଗାମୀ ଯୁବ ପିଢ଼ିଙ୍କୁ ରକ୍ତଦାନ କ୍ଷେତ୍ରରେ ଉତ୍ସାହିତ କରିବ ବୋଲି ମତ ରଖି ଶ୍ରୀ ପଣ୍ଡା ସୁବର୍ଣ୍ଣପୁରର ଗୌରବ ବୋଲି କହି ଦୀର୍ଘ ଜୀବନ ଓ ସଫଳତା କାମନା କରିଥିଲେ। ସଭା ପ୍ରାରମ୍ଭରେ ଉଭୟ ଅତିଥିଙ୍କୁ ସଂଘ ପକ୍ଷରୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ମଧ ଗତ କାଲି ଉଦ୍ୟୋକ୍ତକ୍ଷ ସୟଦ ଅଲିମୁଲ ଇସଲାମ, ଇନ୍ଦୁମତୀ ପୁରୋହିତ ଙ୍କ ସମେତ ସମସ୍ତ ସଭ୍ୟଙ୍କ ଉପସ୍ଥିତି ରେ ଶ୍ରୀ ପଣ୍ଡାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଓଡିଶା ସାମ୍ବାଦିକ ସଂଗଠନର ରାଜ୍ୟ ସମ୍ପାଦକ ରାଜ କିଶୋର ତ୍ରିପାଠୀ, ସୁବର୍ଣ୍ଣପୁର ଜିଲ୍ଲା ଶାଖାର ଉପଦେଷ୍ଟା ଦିଲ୍ଲୀପ ପାତ୍ର, ସଭାପତି ମନୋରଞ୍ଜନ ତ୍ରିପାଠୀ, ସମ୍ପାଦକ ମହାଦେବ ମଲ୍ଲିକ, ଭାସ୍କର ବାବୁ ଶ୍ରଦ୍ଧାକର ଦାଶ ପ୍ରମୁଖ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିବାବେଳେ ଜିଲ୍ଲାର ବୟୋଜ୍ୟେଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନଙ୍କୁ ଅତିଥି ଶ୍ରୀ ପ୍ରହରାଜ ଓ ଶ୍ରୀ ଦାଶଙ୍କ ଦ୍ୱାରା ମାସିକ ପେନସନ ପ୍ରଦାନ କରାଯାଇଥିଲା।

## ଭିନ୍ନକ୍ଷମମାନଙ୍କୁ ପ୍ରତିଶ୍ରୁତିର ଆଲୋକ ପହଂଚାଇଲେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ

ଜୟପୁର, ୩୦/୦୫ (ନି.ପ୍ର): ଜିଲ୍ଲା ଦୌରା ଜଜ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁରସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ସପ୍ତାହ ଧରି ଚାଲୁଥିବା ଏହି ଭିନ୍ନକ୍ଷମମାନଙ୍କ ଅଭିଯାନ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସହିତ ସାତ ଗୋଟି ତାଲୁକ ଲିଗାଲ ସେବା କମିଟିର ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଘର ଘର ବୁଲି ଭିନ୍ନକ୍ଷମ ଲୋକଙ୍କୁ ଅଧିକାରର ବାର୍ତ୍ତା ପହଂଚାଇଛନ୍ତି। ଏହି ଅଭିଯାନରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ୫୧୫୪ ଉର୍ଦ୍ଧ୍ୱ ଘର ଘର ବୁଲି ସର୍ଭେ କରି ଯୋଗ୍ୟ ହିତାଧିକାରୀ ଭିନ୍ନକ୍ଷମମାନଙ୍କ ଠାରୁ ୩୨୯ ଉର୍ଦ୍ଧ୍ୱ ଦରଖାସ୍ତ ଗ୍ରହଣ କରିଛନ୍ତି ଏବଂ ସେହି ଦରଖାସ୍ତକାରୀ ମାନଙ୍କୁ ଯୋଗ୍ୟ ହିତାଧିକାରୀ ଅନୁସାରେ ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବ ବଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସଚିବ ଶ୍ରୀ ସୁମନ ଜେନା କହିଛନ୍ତି । ଆଜକୁ ୨୨ ମଇ, ୨୦୨୩ ଠାରୁ ଅଭିଯାନ ଆରମ୍ଭ କରାଯାଇ ୨୯ ମଇ ୨୦୨୩ ତାରିଖର ଅନ୍ତିମ ଦିବସରେ ଜୟପୁର ବ୍ଲକର ଟାଙ୍କୁଆ ଓ ଡଙ୍ଗରଛି ଗ୍ରାମ ଠାରେ ଏକ ଶିବିର ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ଉପକରଣ ବଂଟନ କରଯାଇଥିଲା ଏହି ଅଭିଯାନରେ ସଚିବ ସୁମନ ଜେନା ସୁମନ ଜେନା ହୁଇଲ ଚେୟାର, ବ୍ଲାଇଣ୍ଡ ଷ୍ଟିକ, ହିୟରିଂ ମେଶିନ, ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଭିନ୍ନକ୍ଷମମାନଙ୍କୁ ପ୍ରତିଶ୍ରୁତିର ନୂତନ ଆଲୋକ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସଚିବ ସୁମନ ଜେନା , ଗୋଷ୍ଠି ଉନ୍ନୟନ ଅଧିକାରୀ ରାଜୀବ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ନିଶା କେସ ଓ ଟାଙ୍କୁଆ ସରପଂଚ ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉକ୍ତ ଶିବିରରେ ରହିଥିଲେ। ଏହି ଅଭିଯାନରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମଙ୍କ ସଶକ୍ତିକରଣ ବିଭାଗ କୋରାପୁଟ ମଧ ତତ୍ପରତାର ସହ ସମସ୍ୟାର ସମାଧାନ ପାଇଁ ସପୂର୍ଣ୍ଣ ଭାବେ ସହଯୋଗ କରୁଛନ୍ତି।

## ମାଦ୍ରାସାରୁ ଲୁଚି ପଳାଉଥିବା ୬ ଜଣ ନାବାଳକ ଉଦ୍ଧାର

ସାଲେପୁର, ୩୦/୦୫ (ନି.ପ୍ର): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସୁକରପଡା ଠାରେ ଥିବା ଜାମିଆତୁଲ ଇମାନିୟା ଓ୍ୱଲ୍ ଇଲ-ମିୟା ମାଦ୍ରାସାରେ ରହି ପାଠ ପଢୁଥିବା ୬ ଜଣ ନାବଲକ ବିଦ୍ୟାର୍ଥୀ ଶନିବାର ବିଳମ୍ବିତ ରାତିରେ ଲୁଚି ପଳାଇଆସିଥିଲେ। ଏହି ନାବାଳକମାନେ ସୁକରପଡା ଠାରୁ ନିଶ୍ଚିନ୍ତକୋଇଲି ବଜାର ପର୍ଯ୍ୟନ୍ତ ୪ କି.ମି. ରାସ୍ତା ଚାଲି ଚାଲି ଆସି ଭୋର ୫ଟାରେ ବସ୍‌ଷ୍ଟାଣ୍ଡ ନିକଟରେ ପହଂଚିଥିଲେ । ବଜାରର କେତେକ ଲୋକଙ୍କର ସନ୍ଦେହ ହେବାରୁ ସଂପୃକ୍ତ ପିଲାମାନଙ୍କୁ ଅଟକାଇ କେଉଁଆଡେ ଯାଉଥିବା ପଚାରିବାରୁ ସବୁସତ କଥା ଜଣାପଡିଥିଲା। ସଙ୍ଗେ ସଙ୍ଗେ ଏହି ପିଲାମାନଙ୍କୁ ସ୍ଥାନୀୟ ଲୋକମାନେ ନେଇ ଥାନା ଜିମାରେ ଛାଡିଥିଲେ। ଖବର ପାଇ ମାଦ୍ରାସାର ସଭାପତି ସେକ୍ ନସିରୁଦ୍ଦିନ ଓ ସଂପାଦକ ମିର୍ଜା ଫାୟାଜ ବେଗ୍ ଥାନାରେ ପହଂଚି କ'ଣ ପାଇଁ ମାଦ୍ରାସାରୁ ଲୁଚି ପଳାଇଆସିଛନ୍ତି ସେ ସଂକ୍ରାନ୍ତରେ ପୋଲିସକୁ ଅବଗତ କରାଇଥିଲେ। ଏଠାରେ ସୂଚନାଯୋଗ୍ୟ ୨୦୨୧ ମସିହାରେ ସୁକରପଡା ସଂଖ୍ୟାଲଘୁ ବସ୍ତିର ଲୋକମାନଙ୍କ ଉଦ୍ୟମରେ ୧ମ ରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଏକ ମାଦ୍ରାସା ଖୋଲାଯାଇଥିଲା। ଏଥିରେ ସ୍ଥାନୀୟ ଅଂଚଳର ୩୫ ଜଣ ବିଦ୍ୟାର୍ଥୀ ଏବଂ ସୁଦୁର ବିହାର ରାଜ୍ୟ ଅରରିଆ ଗ୍ରାମର ୧୫ ଜଣ ବିଦ୍ୟାର୍ଥୀ ମୋଟ ୫୦ ଜଣ ଏଠାରେ ରହି ପାଠ ପଢୁଥିଲେ । ଲୁଚି ପଳାଇଯାଉଥିବା ୬ ଜଣ ବିଦ୍ୟାର୍ଥୀଙ୍କ ଅଭିଭାବକମାନେ ଗତ ୧୫ ଦିନ ତଳେ ବିହାରରୁ ଆଣି ଏଠାରେ ନାମ ଲେଖାଇ ପାଠ ପଢାଇବା ପାଇଁ ଛାଡି ଦେଇଯାଇଥିଲେ। ସଂପୃକ୍ତ ବିଦ୍ୟାର୍ଥୀମାନଙ୍କର ବିଭିନ୍ନ ସମସ୍ୟା ଯୋଗୁ ଏଠାରେ ରହି ପାଠପଢିବା ପାଇଁ ମନ ନଲାଗିବାରୁ ସେମାନେ ଘରକୁ ଫେରିଯିବାକୁ ଲୁଚି ପଳାଇଯାଉଥିବା ପ୍ରକାଶ କରିଛନ୍ତି । ଉକ୍ତ ଘଟଣା ସଂପର୍କରେ ଅନୁଷ୍ଠାନର ସଂପାଦକ ଓ ସଭାପତି ପିଲାମାନଙ୍କର ସଠିକ୍ ଭାବେ ଯତ୍ନ ନିଆଯାଇ ସେମାନଙ୍କୁ ଜଣେ ମୌଲାନା, ଜଣେ ମୌଲବୀ ଓ ୪ ଜଣ ଶିକ୍ଷକଙ୍କ ଦ୍ୱାରା ଶିକ୍ଷାଦାନ କରାଉଥିବା ପ୍ରକାଶ କରିଛନ୍ତି। ଏସଂକ୍ରାନ୍ତରେ ଥାନା ପକ୍ଷରୁ କଟକ ଶିଶୁ ସୁରକ୍ଷା ବିଭାଗକୁ ଖବର ଦିଆଯିବା ପରେ ସ୍ଥାନୀୟ ସରପଂଚ ମନୋଜ ମଲ୍ଲିକ, ଭଦ୍ରବ୍ୟକ୍ତି ସେକ୍ ବୁରହାନ୍, ମାଦ୍ରାସାର କର୍ମକର୍ତ୍ତା ଓ ଶିକ୍ଷକମାନେ ଉକ୍ତ ଘଟଣାର ଏକ ସମାଧାନ କରିଥିଲେ। ପୋଲିସ ଉଦ୍ଧାର କରିଥିବା ଏହି ୬ ଜଣ ବିଦ୍ୟାର୍ଥୀଙ୍କୁ କଟକ ଚାଇଲ୍ଡ ଲାଇନ୍ ଜିମା ଦେଇଥିଲା। ସେମାନେ ଉପଯୁକ୍ତ ପ୍ରମାଣ ପାଇବା ପରେ ସଂପୃକ୍ତ ଅଭିଭାବକଙ୍କ ନିକଟରେ ନେଇ ଛାଡିଦେବେ ବୋଲି ଜଣାଯାଇଛି । ଉକ୍ତ ପିଲାମାନେ ସୁଦୂର ବିହାରରୁ ଆସି ଏଠାରେ ପାଠ ପଢିବା ପାଇଁ ରହିବା ପରେ କ'ଣ ପାଇଁ ଲୁଚି ପଳାଇଗଲେ ତାହାର ଏକ ତଦନ୍ତ ହେବାର ଆବଶ୍ୟକତା ଜରୁରୀ ହୋଇ ପଡିଛି ବୋଲି ସାଧାରଣରେ ଆଲୋଚନା ହେଉଛି।

## ରୋଟାରୀ ପକ୍ଷରୁ ଯୁବସେବା ସଚେତନତା ଶିବିର

କନ୍ଧମାଳ, ୩୦/୦୫ (ନି.ପ୍ର): ରବିବାର ପୂର୍ବାହ୍ନ ଦଶଟା ସମୟ ରେ ରୋଟାରି କ୍ଲବ ପକ୍ଷରୁ ରୋଟାରୀ ସେବା ଟ୍ରଷ୍ଟ ପରିସର ରେ ଯୁବ ନେତୃତ୍ୱ ଶିବିର ଅନୁଷ୍ଠିତ ହୋଇଥିଲା। ରୋଟାରୀ କ୍ଲବ ସଭାପତି ହରିଶ୍ଚନ୍ଦ୍ର ମହାରଣା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନେହରୁ ଯୁବ କେନ୍ଦ୍ର ସଂଯୋଜକ ସତ୍ୟବାନ ଦଳବେହେରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ାଧିକାରୀ ସମୀର କୁମାର ନାୟକ ଯୋଗ ଦେଇ ଦେଶ ଗଠନ ରେ ଯୁବକ ଯୁବତୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ। ତେବେ ଅଜିକାଲି ଯୁବକ ଯୁବତୀ ମାନେ ନିଶା ସେବନ ଓ ନିଶାକାରବାର ଆଦି ଅସାମାଜିକ କାର୍ଯ୍ୟ କଳାପରେ ସମ୍ପୃକ୍ତ ରହି ପଥ ଭ୍ରଷ୍ଟ ହେଇଯାଉଛନ୍ତି ଯାହାକି ବିକଶିତ ଦେଶ ଗଠନରେ ବାଧକ ସାଜିବ। ଏଣୁ ଯୁବକ ଯୁବତୀ ମାନେ ଏ ସବୁରୁ ଦୁରେଇ ରହି ଏକ ସୁସ୍ଥ, ସୁନ୍ଦର, ବିକଶିତ ରାଷ୍ଟ୍ର ଗଠନ ଦିଗରେ ନିଜକୁ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ରୋଟାରୀଆନ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ରୋଟାରିଆନ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟନାୟକ, ଶ୍ରୀମତୀ ବିରାଜିନୀ ମହାପାତ୍ର, ବରିଷ୍ଠ ରୋଟାରୀଆନ ତଥା ବିଶିଷ୍ଟ ବ୍ୟବସାୟୀ ରବି ନାରାୟଣ ସୁବୁଦ୍ଧି, ପଦ୍ମ ଚରଣ ମହାନ୍ତି, ସମାଜ ସେବୀ ତଥା ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ଯୁବ ସମାଜ ଶୃଙ୍ଖଳିତ ହୋଇ ସୁପଥଗାମୀ ହୋଇ ଦେଶ ଗଠନ ଦିଗରେ ବ୍ରତୀ ହେବାପାଇଁ ପରାମର୍ଶ ଦେଇଥିଲେ। ରୋଟାରୀ ସମ୍ପାଦକ ମନୋ ରଞ୍ଜନ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧରେ ବରିଷ୍ଠ ରୋଟାରୀଆନ ତଥା ପୂର୍ବତନ ସଭାପତି କେ, ଜ୍ଞାନ କୁମାର ଦୋରା, ବରିଷ୍ଠ ସମାଜସେବୀ, ରୋଟାରୀଆନ ପ୍ରସନ କୁମାର ପଣ୍ଡା, କୋଷାଧକ୍ଷ ପ୍ରକାଶ କୁମାର ପଣ୍ଡା, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥଲେ।

## ପୁନରର୍ବାସ ପକ୍ଷରୁ ଭିନ୍ନକ୍ଷମ କ୍ରୀଡାବିତ୍‌ଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

କେନ୍ଦ୍ରାପଡ଼ା, ୩୦/୦୫ (ନି.ପ୍ର): ଭିନ୍ନକ୍ଷମ ମାନଙ୍କ ଅଧିକାର ସଚେତନତା ଓ ସାମାଜିକ ପୁନଃ ପ୍ରତିଷ୍ଠା ନିମନ୍ତେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନରର୍ବାସ ପକ୍ଷରୁ ଜିଲ୍ଲାର ଭିନ୍ନକ୍ଷମ କ୍ରୀଡାବିତଙ୍କୁ ପ୍ରେତ୍ସାହନ ରାଶି ପ୍ରଦାନ କରାଯାଇଛି । ମାଧପୁର ସ୍ଥିତ କାର୍ଯ୍ୟାଳୟରେ ବରିଷ୍ଠ ସିଭିଲ ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଯୋଗଦେଇ ଭିନ୍ନକ୍ଷମ କ୍ରୀଡାବିତ ମାନଙ୍କ କ୍ରୀଡା ପ୍ରତିଭାକୁ ପ୍ରଶଂସା କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ରାଜ୍ୟ ତଥା ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହାକାଳପଡାର ସାମନ୍ତ ସିଂହାରପୁର ଗ୍ରାମର ପ୍ରଶାସନ ନାୟକ ଓ ରାଜକନିକା ଗଞ୍ଜା ଗ୍ରାମର ସ୍ୱର୍ଣ୍ଣଲତା ବେହେରାଙ୍କୁ ଅନୁଷ୍ଠାନ ତରଫରୁ ୬ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁନରର୍ବାସର ଉପଦେଷ୍ଟା ତଥା ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼ଃ ବିରଜା ରାଉତରାୟ କ୍ରୀଡାବିତଙ୍କୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ପ୍ରତିଶୃତି ଦେଇଥିଲେ ।

## ଅଷ୍ଟମ ଭୁବନେଶ୍ୱର ଅନ୍ତର୍ଦେଶୀୟ ବାଣିଜ୍ୟ ମେଳା: ଅବଧି ଆଉ ୬ ଦିନ ବଢ଼ିଲା




ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଜନତା ମଇଦାନରେ ଚାଲିଥିବା ଅଷ୍ଟମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଓ ଗ୍ଲୋବାଲ ବିଜନେସ୍ କାର୍ଣ୍ଣିଭାଲ୍‌ର ନବମ ଦିନରେ ୩୦ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ପାଖାପାଖି ୨.୫କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବେପାର ହୋଇଛି। ବ୍ୟବସାୟୀ ଓ ଗ୍ରାହକଙ୍କ ଅନୁରୋଧକ୍ରମେ ମେଳାର ଅବଧିକୁ ଆଉ ୬ ଦିନ ଅର୍ଥାତ୍ ଜୁନ୍ ୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି ବୋଲି ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ଅଧକ୍ଷ ସୁଜିତ୍ ଗୁପ୍ତା ଓ ନିର୍ଦ୍ଦେଶିକା ପାୟଲ ଗୁପ୍ତା ଆଚାର୍ଯ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ହସ୍ତତନ୍ତ ଓ ଅନ୍ତର୍ଜାତୀୟ ହେଙ୍ଗରରେ ଆସିଥିବା ବାଂଲାଦେଶୀ ଶାଢ଼ି, ଦୁବାଇର ସୁଟ୍, ଥାଇଲାଣ୍ଡର କୁର୍ତ୍ତି, ଆଫଗାନିସ୍ତାନର ବିଭିନ୍ନ ପ୍ରକାରର ଡ୍ରାଏ-ଫ୍ରୁଟ୍‌ସ, କେରଳର ବାନାନା ଚିପ୍ସ, ଇରାନୀ କାର୍ପେଟ, ଡିଜାଇନର ଲାଇଟ, ମାଲେସିଆର ଓ୍ୱାଟର ଫାଉଣ୍ଟେନ୍, ବିଭିନ୍ନ ଘର ସାଜସଜା ଆସବାବପତ୍ରର ଚାହିଦା ମଧ ବଢ଼ିବାରେ ଲାଗିଛି। ବିଶେଷକରି ହାଇଦ୍ରାବାଦରୁ ଆସିଥିବା ଫର୍ଣ୍ଣିଚର, କୋଲକାତାର ସୋଫା-ବେଡ୍‌ର ଆଦୃତ ପରିଲକ୍ଷିତ ହେଉଛି। ଏହି ମେଳାରେ ପ୍ରତିଦିନ ମଞ୍ଚରେ ସାଂସ୍କୃତିକ, ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ରିଲିଜ ହେବାକୁ ଥିବା ବା ନିକଟରେ ରିଲିଜ ହେଇଥିବା ଓଡ଼ିଆ ସିନେମାଗୁଡ଼ିକର କଳାକାରମାନଙ୍କୁ ନେଇ ମଞ୍ଚରେ ଉକ୍ତ ସିନେମାର ପ୍ରଚାରପ୍ରସାର କରାଯାଉଛି।

## ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ବଲାଙ୍ଗୀର, ୩୦/୦୫ (ନି.ପ୍ର): ମଇ ମାସ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁସାରେ ଆଜି ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଜିଲ୍ଲାପାଳ ଚଂଚଳ ରାଣା , ଆରକ୍ଷୀ ଅଧିକ୍ଷକ ଖିଲାରୀ ରିଷିକେଶ ଦ୍ୟାନଦେଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ପାଟଣାଗଡ ଉପ ଜିଲ୍ଲାପାଳ ଡ଼ ବିଜୟାନନ୍ଦ ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ଖପ୍ରାଖୋଲ ବିଡିଓ ବିଜୟ କୁମାର ହୋତା , ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା, ଉପଖଣ୍ଡ ଓ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ବିଭିନ୍ନ ସମସ୍ୟା ମୂଳକ ମୋଟ ୬୬ ଗୋଟି ଅଭିଯୋଗ ଦରଖାସ୍ତ ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୫୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ମୂଳକ ଦରଖାସ୍ତ ହୋଇଥିବାବେଳେ ଅବଶିଷ୍ଟ ୧୨ ଗୋଟି ସାମୁହିକ ଦରଖାସ୍ତ ଦାଖଲ ହୋଇଥିଲା । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଜନସାଧାରଣ ଙ୍କ ଏହି ସମସ୍ତ ଅଭିଯୋଗ ଓ ସମସ୍ୟା ଗୁଡିକର ଶୁଣାଣୀ କରିଥିଲେ। ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ସାମାଜିକ ସୁରକ୍ଷା ଯୋଜନା ଜରିଆରେ ୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ,୪ ଜଣ ଭିନ୍ନକ୍ଷମ ଙ୍କୁ ହ୍ୱିଲ ଚେୟାର ,ଜଣଙ୍କୁ ସ୍ମାର୍ଟ ଫୋନ ଏବଂ ଜଣଙ୍କୁ ସିପି ଚେୟାର ପ୍ରଦାନ କରାଯାଇଥିବା ବେଳେ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ବେନ୍ଦେର ଗ୍ରାମର ହେମାଙ୍ଗୀନୀ ପ୍ରଧାନଙ୍କୁ ଜୀବନ ଜୀବିକା ସହାୟତା ବାବଦରେ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ଅନୁମୋଦନ କରାଯାଇଥିଲା। ସେହିପରି ୫ ଜଣ ହିତାଧିକାରୀ ଙ୍କୁ ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ନୂତନ ଭାବେ ମଞ୍ଜୁର କରାଯାଇ ବିଧବା ଭତା, ବାର୍ଦ୍ଧକ୍ୟ ଭତା ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଯୁଗ୍ମ ଜନ-ଅଭିଯୋଗ ଶୁଣାଣୀ କାର୍ଯକ୍ରମ ରେ ଚିକିତ୍ସା ସହାୟତା ବାବଦରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମୁହୁରୁଣ୍ଡି ଗ୍ରାମର ର ପ୍ରେମାନନ୍ଦ ପଧାନଙ୍କୁ ୧୫ ହଜାର ଟଙ୍କା, ପତ୍ରାପାଲି ଗ୍ରାମର ଚିନ୍ତାମଣି ଛତରଙ୍କୁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ଅନୁମୋଦନ କରାଯାଇଥିଲା।

## ମୃତ ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କଲା ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର, ୩୦/୦୫ (ନି.ପ୍ର): ବଲାଙ୍ଗିର ସୁଦପଡା ରେଳ ଷ୍ଟେସନ ନିକଟରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ଗୋଡ କଟି ଯାଇଥିବା ବେଳେ ଅସହାୟ ଅବସ୍ଥାରେ ଉଦ୍ଧାର କରାଯାଇ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ବୃଦ୍ଧାଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ପରେ ଚିକିତ୍ସାଧିନ ଅବସ୍ଥାରେ ବୃଦ୍ଧାଙ୍କ ମୃତ୍ୟୁବରଣ ଘଟି ଯାଇଥିଲା। ଖବର ପାଇ ବଲାଙ୍ଗିର ପୋଲିସ ପ୍ରଶାସନ ଔପଚାରିକତା ଦୃଷ୍ଟିରୁ ୭୨ ଘଂଟା ବୃଦ୍ଧାଙ୍କ ଶବକୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲସ୍ଥିତ ଶବ ସଂରକ୍ଷଣ କେନ୍ଦ୍ରରେ ରଖିବା ପରେ ଆଜି ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ପୋଲିସ ଓ ମେଡିକାଲ ପ୍ରଶାସନର ସମସ୍ତ ଔପଚାରିକତା ସରିବା ପରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସେହି ଶବକୁ ଶେଷ ସମ୍ମାନ ଦେବାର ଦାୟିତ୍ୱ ନେଇଥିଲା। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଶବ ବାହକ ଗାଡିରେ ବିଭୁତିପଡା ସ୍ମଶାନକୁ ଶେଷ ସଂସ୍କାର ନିମନ୍ତେ ଶବକୁ ନେଇକି ପହଂଚିଥିଲେ। ପୋଲିସ ଏସ.ଆଇ ବୁଦ୍ଧଦେବ ବିଶ୍ୱାଳଙ୍କ ଉପସ୍ଥିତିରେ ସଂଗଠନର ସନ୍ତୋଷ ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ପ୍ରଧାନ, ରାହୁଲ ବାଗ ସେହି ଅଚିହ୍ନା ଅସହାୟ ବୃଦ୍ଧାଙ୍କ ଶବକୁ ସସମ୍ମାନେ ଅନ୍ତିମ ସଂସ୍କାର କରି ଫେରିଥିଲେ। ଧର୍ମେନ୍ଦ୍ର କୁମ୍ଭାର ଓ ଜଗନ୍ନାଥ ସୁନା ଶବଦାହରେ ସହାୟତା କରିଥିବା ବେଳେ କୁନୁ ତ୍ରିପାଠୀ ଶବବାହକ ଗାଡି ଯୋଗାଇ ଦେଇଥିଲେ।

## ପାଣିକୋଇଲି ଓଭରବ୍ରିଜ ଆଲୋକ ମରାମତି ଆରମ୍ଭ

କୋରେଇ, ୩୦/୦୫ (ନି.ପ୍ର): ୧୬ ନମ୍ବର ଜାତୀୟ ରାଜପଥର ଖରସ୍ରୋତା ନଦୀ ପୋଲ ସାହାପୁର ଠାରୁ ବୈତରଣୀ ନଦୀ ପୋଲ ବ୍ରଜନଗର ପର୍ଯ୍ୟନ୍ତ ରାଜପଥରେ ଆଲୋକୀକରଣ କରାଯାଇଥିଲା । ଦୀର୍ଘ ଦିନ ପରେ ବାରମ୍ବାର ଗଣମାଧ୍ୟମରେ ପ୍ରକାଶ ପରେ ଉକ୍ତ ଆଲୋକରେ ବିଦ୍ୟୁତ ସଂଯୋଗ କରାଯାଇଥିଲା । ହେଲେ ଅନେକ ସ୍ଥାନରେ ଆଲୋକ ଜଳୁନଥିବା ଦେଖାଯାଇଥିଲା । ପରବର୍ତି ଅବସ୍ଥାରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ପାଣିକୋଇଲି ଛକରେ ଆଲୋକ କରଣ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା । ବିଭାଗ ପକ୍ଷରୁ ଏହାର ମରାମତି ନହେବାରୁ ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏନେଇ ରାଜପଥ ପୋଟ୍ୟୋଲିଙ୍ଗ ସବଇନ୍ସପେକ୍ଟର ଅଶୋକ କୁମାର ବଳ ମଧ୍ୟ ବିଭାଗକୁ ଅବଗତ କରିଥିଲେ । ଫଳରେ ଆଜି ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଓଭରବ୍ରିଜରେ ଲାଗିଥିବା ଲାଇଟ ଗୁଡିକୁ ଯାଂଚ କରାଯାଉଛି । ଦିନେ ଦୁଇ ଦିନ ମଧ୍ୟରେ ସମ୍ପୂର୍ଣ୍ଣୀକରଣ ପରେ ବିଦ୍ୟୁତ ଜଳିବ ବୋଲି ସୂଚନା ମିଳିଛି ।




## ରାଜଭବନରେ ଗୋଆ ଦିବସ ପାଳିତ

# ରାଜ୍ୟପାଳଙ୍କ ଦ୍ୱାରା 'ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ମନ୍ତ୍ର' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ରାଜଭବନଠାରେ ବିଶିଷ୍ଟ ଆଇନ୍‌ଜୀବୀ ତଥା ନୋଟାରୀ ଅଶ୍ୱିନୀ କୁମାର ପ୍ରଧାନଙ୍କ ଦ୍ୱାରା ଲିଖିତ 'ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ମନ୍ତ୍ର' ପୁସ୍ତକର ଦ୍ୱିତୀୟ ଓ ତୃତୀୟ ସଂସ୍କରଣକୁ ମଙ୍ଗଳବାର ମଧ୍ୟାହ୍ନରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଉନ୍ମୋଚନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସଂସ୍କୃତ ବିଦ୍ୱାନ, କବି ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି 'ଶ୍ରୀଜଗନ୍ନାଥ ମନ୍ଦିର ବେଢ଼ା ପରିକ୍ରମା ମନ୍ତ୍ର' ପୁସ୍ତକର ତଥ୍ୟାବଳୀ ଓ ମନ୍ତ୍ର ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ବିଶ୍ୱମାନବର ତଥ୍ୟ ଏବଂ ଗଜପତି ପୁରୁଷୋତ୍ତମ ଦେବଙ୍କ 'ମୁକ୍ତିଚିନ୍ତାମଣି' ଗ୍ରନ୍ଥରେ ପ୍ରଦର୍ଶିତ ମାର୍ଗକୁ ପୁନରୁଦ୍ଧାର କରିବାର ପ୍ରୟାସ ଲେଖକ ଶ୍ରୀ ପ୍ରଧାନ ଏହି ପୁସ୍ତକରେ ଉଲ୍ଲେଖ କରିଥିବାରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓଡ଼ିଆ ଭାଷାରେ ତାଙ୍କୁ ସ୍ୱାଗତ ଜଣାଇଥିଲେ ।


# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ମାନସିଂବଜାର, ବାଲେଶ୍ୱର

ନାମଲେଖା ଚାଲିଛି COR No. - SSVMMB/374/2021 ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୩-୨୦୨୪

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ଶିଶୁବାଟିକା (ନର୍ସରୀ) ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ମୋ: ୮୨୮୦୧୫୯୬୩୫ /୯୩୩୮୧୬୭୩୩୨

ପ୍ରଧାନ ଆଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ମାନସିଂବଜାର, ବାଲେଶ୍ୱର



Admission open  Admission open

# Vivekananda Vedamatee School

Manikhamb, Balasore

**COR NO- VVSGBM/164/2022**
**Session - 2023-24**
**Pre Nursery to Class VIII**

New Admission Starts for the session 2023-24 from dt. 20/01/2023 to onwards.

Asper 12(i) (c) of Right to Children to free and compulsory Education Act 2009 aapplicants are invites from the children belonging to weaker section and disadvantaged groups for admission with 25% seats reserved in the said classes.

**Principal**
**Vivekananda Vedamatee School**
**Balasore**

**Contact:- 9776359011, 9439190950**


# ମୋ ସେବା କେନ୍ଦ୍ର ସଂଖ୍ୟା ୮୦୦୦କୁ ବୃଦ୍ଧି ପାଇବ : ମନ୍ତ୍ରୀ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ମୋ ସେବା କେନ୍ଦ୍ର ଜରିଆରେ ସରକାରୀ ସେବା ନାଗରିକଙ୍କ ଘର ପାଖରେ ଉପଲବ୍ଧ ହୋଇପାରିଛି । ଏଯାବତ୍ ରାଜ୍ୟରେ ୬,୯୦୦ ରୁ ଅଧିକ ମୋ ସେବା କେନ୍ଦ୍ର ସ୍ଥାପିତ ହୋଇସାରିଛି ଏବଂ ନିକଟ ଭବିଷ୍ୟତରେ ଏହି ସଂଖ୍ୟା ୮,୦୦୦ କୁ ଅଧିକ ବୃଦ୍ଧି ପାଇବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଆଗାମୀ ପଦକ୍ଷେପ ଓଡିଶାର ରୂପାନ୍ତରୀକରଣକୁ ଆହୁରି ଅନୁକୂଳ କରିବ । ସେହିପରି ସୁନ୍ଦରଗଡ ଏବଂ ଜୟପୁରରେ ଜିଲ୍ଲା ଡାଟା କେନ୍ଦ୍ର ସ୍ଥାପନ ପାଇଁ ଯୋଜନା କରାଯାଇଛି । ପୁରୀ ଠାରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରତିଷ୍ଠା ହେବାକୁ ଯାଉଛି । ସେମିକଣ୍ଡକ୍ଟର ଡିଜାଇନ୍ କରୁଥିବା ଷ୍ଟାର୍ଟ ଅପ୍ ଏବଂ ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ଓ-ଚିପ୍ କାର୍ଯ୍ୟକ୍ରମ ଜରିଆରେ ଭିତ୍ତିଭୂମି ଓ ପୁଞ୍ଜିନିବେଶ ପାଇଁ ସହାୟତା ଯୋଗାଇ ଦିଆଯିବ । ପ୍ରଯୁକ୍ତିର ସମ୍ଭାବିତ କ୍ଷେତ୍ରରେ ଉତ୍କର୍ଷ କେନ୍ଦ୍ର ମାନ ପ୍ରତିଷ୍ଠା କରାଯାଇ ୩୦୦୦ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ଦିଆଯିବ । ଖୁବ୍ ଶୀଘ୍ର ଫାବ୍ ଏବଂ ଫାବ୍ ରହିତ ନୀତି ପ୍ରଣୟନ କରାଯିବ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମାନଙ୍କୁ ୱାଇଫାଇ ସଂଯୋଗକୁ ବିସ୍ତାର ଫଳରେ ପ୍ରାୟ ସାତ ଲକ୍ଷ ଛାତ୍ରଛାତ୍ରୀମାନଙ୍କର ଶିକ୍ଷାର ମାନକୁ ସକାରାତ୍ମକ ପ୍ରଭାବିତ କରିପାରିବ ବୋଲି ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ତୁଷାରକାନ୍ତ ବେହେରା ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ମନ୍ତ୍ରୀ କହିଛନ୍ତି ଯେ ଏହି ବିଭାଗ ରାଜ୍ୟରେ ଆଇଟି କ୍ଷେତ୍ରରେ ପୁଞ୍ଜି ବିନିଯୋଗକୁ ସୁଗମ କରି ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ବୈଷୟିକ ସହାୟତା ପ୍ରଦାନ ମାଧ୍ୟମରେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ଏକୀକୃତ ତଥା ବିକେନ୍ଦ୍ରୀକରଣ ଶାସନକୁ ସୁନିଶ୍ଚିତ କରି ସରକାରୀ ସେବା ଜନସାଧାରଣଙ୍କ ପାଖରେ ସହଜ ଉପଲବ୍ଧ କରାଇବାର ପ୍ରକ୍ରିୟାକୁ ବ୍ୟାପକ ରୂପାନ୍ତରଣ କରିପାରିଛି । ଇଂଟରନେଟ୍ ସେବା ଗାଁ ଗାଁରେ ପହଞ୍ଚାଇବା ପାଇଁ ରାଜ୍ୟରେ ଟେଲିକମ୍ ଭିତ୍ତିଭୂମିର ବିକାଶ ସାଧନ କରାଯାଇଛି । ୨୦୨୧ ମସିହାରେ ସରକାରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା ଓଡିଶା ୱାନ୍ ପୋର୍ଟାଲରେ ୬୪୦ ରୁ ଅଧିକ ସେବା ଉପଲବ୍ଧ ହେଉଛି । ଓଡିଶା ରାଜ୍ୟ ୱାର୍କଫ୍ଲୋ ଅଟୋମେସନ୍ ସିଷ୍ଟମ୍ ର ପରିସର ସଚିବାଳୟର ସମସ୍ତ ବିଭାଗ, ସମସ୍ତ ନିର୍ଦ୍ଦେଶାଳୟ / ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡିଶାର ପୋଲିସ ମୁଖ୍ୟାଳୟ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟଗୁଡ଼ିକର ପ୍ରାୟ ୧୫,୦୦୦ ବ୍ୟବହାରୀଙ୍କ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଅଛି ଓ ଏହା ତୁରନ୍ତ ନିଷ୍ପତ୍ତି ଗ୍ରହଣରେ ସହାୟକ ହୋଇଛି । ୨୦୧୩ ମସିହାରେ ଏହାର ବ୍ୟବହାରକାରୀ ୧୩୦୦ ଥିବାବେଳେ ୨୦୨୦ ମସିହାରେ ଆନୁମାନିକ ୭୦୦୦ କୁ ବୃଦ୍ଧି ପାଇଛି । ସମସ୍ତ ଗ୍ରାମପଞ୍ଚାୟତମାନଙ୍କୁ ଅପ୍ଟିକାଲ୍ ଫାଇବର୍ ସଂଯୋଗ ଯୋଗାଇ ଦିଆଯାଇଛି, ଯାହାଦ୍ୱାରା ଡିଜିଟାଲ୍ ବ୍ୟବହାରୀକରଣରେ ଜନସାଧାରଣଙ୍କ ଭାଗିଦାରୀକୁ ସୁନିଶ୍ଚିତ କରାଯାଇପାରିଛି ।

## ହଳଦୀପଦା ଛକ ନିକଟରୁ ୨ଟି ବେଆଇନ ମୋରମ ବୋଝେଇ ଟ୍ରାକ୍ଟର ଜବତ

ବସ୍ତା, ୩୦/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥ ବିଳମ୍ବିତ ରାତିରେ ୨ ଟି ବେଆଇନ ଟ୍ରାକ୍ଟର ମୋରମ ବୋଝେଇ ଯାଉଥିବା ବେଳେ ଟ୍ରାକ୍ଟର ଦୁଇଟିକୁ ବସ୍ତା ପୁଲିସ ଅଟକାଇ ରୟାଲିଟି ପେପର ମାଗିଥିଲେ । ମାତ୍ର ରୟାଲିଟି ପେପର ଠିକ ନଥିବା ଜଣା ପଡ଼ିବା ପରେ ସେହି ୨ ଟି ଟ୍ରାକ୍ଟରକୁ ଜବତ କରିଥିବାର ଦେଖିବାକୁ ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଡିଜିଟାଲ୍ ଉପାୟରେ...

ଆଗକୁ ଓଡ଼ିଶା ଭିଜିଲାନ୍ସ ଲାଞ୍ଚ ନେଉଥିବା ବ୍ୟକ୍ତି ଏବଂ ସେମାନଙ୍କ ସୁବିଧା ଦେଉଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ । ଭିଜିଲାନ୍ସ ପକ୍ଷରୁ କୁହାଯାଇଛି, ମନେରଖନ୍ତୁ, ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେବାବେଳେ ଆପଣ ସୁରକ୍ଷିତ ନୁହଁନ୍ତି । ଆମେ ଡିଜିଟାଲ୍ ନେଣଦେଣ ଉପରେ ନଜର ରଖିଛୁ । ଭିଜିଲାନ୍ସ ପକ୍ଷରୁ କୁହାଯାଇଛି ଯେ ଏହା ହେଉଛି ପ୍ରଥମ ମାମଲା ଯେତେବେଳେ ଜଣେ ଅଧିକାରୀ ହାତାହାତି ନୁହେଁ ଅନଲାଇନ ମୋଡରେ ଲାଞ୍ଚ ଟଙ୍କା ନେଉଥିଲେ । ଏହି ଅଧିକାରୀ ଜଣକ ହେଉଛନ୍ତି ଟାଟା ପାୱାର ନୟାପଲ୍ଲୀସ୍ଥିତ କାର୍ଯ୍ୟାଳୟର ଓଏଜି-୩ ତରୁଣ ରଂଜନ ନାୟକ । ସେହିପରି ଏହି ଲାଞ୍ଚ ନେବାରେ ତାଙ୍କୁ ସହଯୋଗ କରିଥିଲେ ତାଙ୍କ ସହଯୋଗୀ ଶ୍ରୀମତୀ ଶୈଳଜା ମୁଦୁଲି । ମିଳିଥିବା ସୂଚନା ମୁତାବକ, ଅଭିଯୋଗକାରୀଙ୍କ ଘରେ ନୂତନ ବିଦ୍ୟୁତ୍ ସଂଯୋଗ ପାଇଁ ଏହି ଲାଞ୍ଚ ଟଙ୍କା ନେଇଥିଲେ । ଗତକାଲି ତରୁଣ ରଂଜନ ନାୟକ ଅଭିଯୋଗକାରୀଙ୍କୁ ୧୦୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଆଉ ହାତାହାତି ନୁହେଁ ଫୋନ ପେ ମାଧ୍ୟମରେ ହିଁ ଟଙ୍କା ଦେବାକୁ ସଫା ସଫା କହିଦେଇଥିଲେ । ଏହି ଟଙ୍କା ଶୈଳଜାଙ୍କ ଫୋନପେକୁ ପଠାଇବାକୁ କହିଥିଲେ । ଏନେଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ଏବଂ ତରୁଣଙ୍କ ସହଯୋଗୀ ଦେଇଥିବା ଫୋନ୍ ପେ ନମ୍ବରରେ ୧୦,୦୦୦ ଟଙ୍କା ଲାଞ୍ଚ ଦେଇଥିଲେ । ଏହାପରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଉଭୟଙ୍କୁ ଗିରଫ କରାଯାଇଛି ।

## ରାଜ୍ୟରେ....

ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରୀ ସୂଚନା ଅନୁଯାୟୀ ମଙ୍ଗଳବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୩ ଡିଗ୍ରୀ ରେକର୍ଡ କରାଯାଇଛି । ମଙ୍ଗଳବାର ଦିନ ରାଜ୍ୟର ୧୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ବୌଦ୍ଧ ଦ୍ୱିତୀୟ ସହର ଭାବେ ୪୨.୯ ଡିଗ୍ରୀ ପାରା ଛୁଇଁଛି । ଝାରସୁଗୁଡ଼ାରେ ୪୨.୪, ହୀରାକୁଦରେ ୪୨.୨, ରାଉରକେଲା ଓ ବରଗଡ଼ରେ ୪୧.୬, ଟିଟିଲାଗଡ଼ରେ ୪୧.୫, ସୋନପୁରରେ ୪୧.୨, ସୁନ୍ଦରଗଡ଼ରେ ୪୦.୭, ଭବାନୀପାଟଣାରେ ୪୦.୫, ଯାଜପୁରରେ ୪୦.୫ ଓ ନୟାଗଡ଼ରେ ୪୦ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଭୁବନେଶ୍ୱରରେ ୩୮.୬ ଓ କଟକରେ ୩୭.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଆଜି ପ୍ରକାଶ....

ଯାହା ପୂର୍ବ ବର୍ଷ ଅପେକ୍ଷା ଅଧିକ । ୨୦୨୩-୨୪ ଅର୍ଥାତ୍ ଚଳିତ ବର୍ଷରୁ ଯୁକ୍ତ ୨ ସିଟ୍ ବଢ଼ାଇବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତି ନେଇଛି । ୧୦୬ ସରକାରୀ ଅପଗ୍ରେଡେଡ୍ ଉଚ୍ଚ ମାଧ୍ୟମିକ ସ୍କୁଲରେ ୧୩ ହଜାର ସିଟ୍ ରହିବ । ଆବଶ୍ୟକସ୍ଥଳେ ସିଟ୍ ବୃଦ୍ଧି କରାଯିବ । ସେହିପରି ସବୁ ୧୧୪ ୟୁଏଲବିରେ ଗୋଟିଏ ଲେଖାଏ ମଡେଲ୍ ସ୍କୁଲ୍ ଅଛି । ୨୦୨୩ ଶେଷ ସୁଦ୍ଧା ରାଜ୍ୟରେ ସବୁ ହାଇସ୍କୁଲ୍ ରେ ଆଇଟି ଲ୍ୟାବ୍ ଉପଲବ୍ଧ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ସୂଚନା ଦେଇଛନ୍ତି ।

## ଗଙ୍ଗାରେ ପଦକ....

ସିଂହଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଛନ୍ତି । ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ମୁଖ୍ୟ ବ୍ରଜଭୂଷଣ ଶରଣ ସିଂହଙ୍କୁ ଗିରଫ ଦାବିରେ ଏପ୍ରିଲ ୨୩ତାରିଖରୁ କୁସ୍ତିଯୋଦ୍ଧାମାନେ ଆନ୍ଦୋଳନ ଆରମ୍ଭ କରିଥିଲେ । ବ୍ରଜ ଭୂଷଣ ଜଣେ ନାବାଳିକାଙ୍କ ସମେତ ଅନେକ ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି ।

## ଉଦ୍ଧବ କ୍ୟାମ୍ପର....

ଶିବସେନାର ବରିଷ୍ଠ ନେତା ଗଜାନ୍ କିରତିକର ଆମେ ହିଁ ଶିବସେନା ବୋଲି ନାରା ଦେଇଥିଲେ । ଏଥିସହ ସେ ଖୋଲାଖୋଲି ଭାବେ ବିଜେପିର ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିଥିଲେ ବୋଲି ସାମ୍ନାରେ କୁହାଯାଇଛି । ସାମ୍ନାରେ କୁହାଯାଇଛି ଯେ ମହାରାଷ୍ଟ୍ରରେ ବିଜେପି ଓ ସିନ୍ଦେଙ୍କ ଶିବସେନାରେ ସବୁ କିଛି ଠିକ ଠାକ ଚାଲି ନଥିବାର ସଙ୍କେତ ଗଜାନନ ପ୍ରଥମେ ଦେଇଥିଲେ । ସେ ବିଜେପିକୁ ପାତରଅନ୍ତର କରୁଥିବା ଦଳ ବୋଲି ଆକ୍ଷେ କରି କହିଥିଲେ ଯେ ଆମେ ୧୩ ଜଣ ସାଂସଦ ଓ ଆମେ ଏବେ ଏନଡିଏର ଅଂଶ ବିଶେଷ । ଆମେ ଚାହୁଁଥିଲୁ ଯେ ଆମ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରାଯାଉ । କିନ୍ତୁ ସେମିତି କିଛି ବି ହୋଇନି । ଦଳ ରାଜ୍ୟରେ ୨୨ଟି ଲୋକସଭା ଆସନରେ ମଧ୍ୟ ପ୍ରାର୍ଥୀ ଦେବାକୁ ଚାହୁଁଛି । ଟଙ୍କା ଦ୍ୱାରା ଆତ୍ମ ସମ୍ମାନ ଓ ସମ୍ମାନକୁ କିଣା ଯାଇ ନପାରେ । ଏହା ପୁଣି ପ୍ରମାଣିତ ହୋଇଛି । ଗଜାନନ ଦାବି କରିଛନ୍ତି ଯେ ଦଳ ଏଠାରେ ୨୨ଟି ଆସନରେ ଲଢ଼ିବାକୁ ଲକ୍ଷ୍ୟ ରଖିଛି । ଏ ସିଟ ଗୁଡ଼ୁକୁ ସେ ବିଜେପି ଠାରୁ ମାଗିଥିଲେ । କିନ୍ତୁ ବିଜେପି ୫ରୁ ଅଧିକ ଆସନ ଛାଡ଼ିବା ମୁଡରେ ନଥିବା ସାମ୍ନାରେ ଦାବି କରାଯାଇଛି । ତେବେ ଏ ସମ୍ପର୍କରେ ସିନ୍ଦେ କ୍ୟାମ୍ପର ପ୍ରତିକ୍ରିୟା ମିଳି ପାରିନି । ।

# ବାରିପଦାଠାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

## ମୋଟ ୭୦ଟି ମଧ୍ୟରୁ ୮ ଟି ଅଭିଯୋଗର ତତ୍କାଳ ସମାଧାନ



ବାରିପଦା, ୩୦/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ଠାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଫେସିଲିଟେସନ ସେଣ୍ଟର ରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ଶିବିରରେ ଜନସାଧାରଣଙ୍କ ଠାରୁ ମୋଟ ୭୦ ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୬୦ଟି ବ୍ୟକ୍ତିଗତ ଏବଂ ୧୦ଟି ସାମୁହିକ ଅଭିଯୋଗ ଥିଲା । ଗ୍ରହଣ ହୋଇଥିବା ଆପତ୍ତି ଅଭିଯୋଗ ମଧ୍ୟରୁ ୦୮ ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ସହ ସହାୟତା ରାଶି ପ୍ରଦାନ ପାଇଁ ଆସିଥିବା ଅଭିଯୋଗର ଗୁରୁତ୍ୱ ଓ ପରିସ୍ଥିତି କୁ ବିଚାର କରି ୨ ଜଣଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଏବଂ ଅନ୍ୟ ୪ ଜଣଙ୍କୁ ୫ହଜାର ଟଙ୍କା ଲେଖାଏଁ ମୋଟ ୪୦ହଜାର ଟଙ୍କା ମୁଖ୍ୟ ମନ୍ତ୍ରୀ ସହାୟତା ପାଣ୍ଠିରୁ ଏବଂ ଅନ୍ୟ ଜଣେ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା ରେଡ଼କ୍ରସ ପାଣ୍ଠିରୁ ଜିଲ୍ଲାପାଳ ମଂଜୁର କରିଛନ୍ତି । ଅନ୍ୟାନ୍ୟ ଆପତ୍ତି ଅଭିଯୋଗ ଗୁଡିକର ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଶିବିର ରେ ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ରୂପ ଭାନୁ ମିଶ୍ର ଓ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୌଲତ ଚନ୍ଦ୍ରକାର ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ତଥା ପି. ଜି. ସେଲର ନୋଡାଲ ଅଧିକାରୀ ସୁଜୟ କୁମାର ପତିଙ୍କ ତତ୍ତ୍ୱାବଧାନ ରେ ଶିବିର କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା ।

# କାର୍ଯ୍ୟଦକ୍ଷତା ପାଇଁ ପ୍ରମିଳାଙ୍କ ନୂଆ ପରିଚୟ



ଉଦଳା, ୩୦/୦୫ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡାଙ୍କ ପିଛା ଛାଡୁନି ପ୍ରତିକୂଳ ପରିବେଶ । ନିର୍ବାଚନରେ ନାମାଙ୍କନ ପତ୍ର ଦାଖଲ କରିବା ଦିନଠାରୁ ଆଜିପର୍ଯ୍ୟନ୍ତ ପ୍ରତିମୁହୁର୍ତ୍ତରେ ପ୍ରତିକୂଳ ପରିବେଶ କୁ ସାମନା କରିବାକୁ ପଡୁଛି ତାଙ୍କୁ । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ସେ ଦକ୍ଷତାର ସହ ସବୁ ପରିସ୍ଥିତିକୁ ଯେଉଁଭଳି ଢ଼ଙ୍ଗରେ ମୁକାବିଲା କରିପାରୁଛନ୍ତି ତାହା ତାଙ୍କର ଦକ୍ଷତାକୁ ବହୁ ଗୁଣରେ ଶାଣିତ କରିଦେଉଛି । ବିରୋଧୀ ମାନେ ବହୁ ପ୍ରକାର ଅଶାନ୍ତ ବାତାରଣ ତିଆରିକରି ତାଙ୍କୁ ଅପମାନିତ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି । କିନ୍ତୁ ସାଧାରଣ ଜନତାଙ୍କ ନଜରରେ ସବୁକିଛି ଧରାପଡ଼ିଯିବା ଯୋଗୁଁ ବିରୋଧୀ ମାନେ ଅପମାନିତ ହୋଇ ଯାଉଛନ୍ତି । ଶେଷରେ ବିରୋଧୀ ମାନେ ରାଗରେ ତାଟିଆ କାମୁଡ଼ା ନୀତି ଧରିଛନ୍ତି । ମୋଟା ମୋଟି ଭାବରେ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ସମଗ୍ର ଓଡ଼ିଶାରେ ଏକ ନୂଆ ପରିଚୟ ସୃଷ୍ଟି ହେଉଛି । ଏହି ପରିଚୟ ହିଁ ତାଙ୍କୁ ଆଗାମୀ ଦିନରେ ବହୁ ଆଗକୁ ନେଇଯିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ତାଳତେଲ ବିକାଶ କାର୍ଯ୍ୟକ୍ରମ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଓଡ଼ିଶାରେ ତାଳତେଲ ଚାଷକୁ ସଂପ୍ରସାରିତ କରି ଖାଇବା ତେଲ ଆମଦାନୀ ହ୍ରାସ କରିବା ଲକ୍ଷ୍ୟରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଭାରତ ସରକାରଙ୍କ କେନ୍ଦ୍ରୀୟ ଯୋଜନା ନ୍ୟାସନାଲ ମିଶନ ଅନ୍ ଏଡିବୁଲ୍ ଅଏଲ୍ ପାମ୍ ଯୋଜନାକୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ୧୦ଟି କମ୍ପାନୀଙ୍କ ସହ ୨୦ଟି ଜିଲ୍ଲାରେ ତାଳତେଲ ଚାଷ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଯୋଜନାରେ କ୍ଷେତ୍ର ସଂପ୍ରସାରଣ ଏବଂ ଅଶୋଧିତ ତାଳତେଲ ଉତ୍ପାଦନ ବୃଦ୍ଧି ମାଧ୍ୟମରେ ଦେଶ ଆମଦାନୀ କରୁଥିବା ଖାଇବା ତେଲକୁ ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଆଜି କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଓ ପାମ ଅଏଲ୍ କମ୍ପାନୀମାନଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ୨୦୨୧-୨୨ ମସିହାରୁ ୨୦୨୫-୨୬ ମସିହା ପର୍ଯ୍ୟନ୍ତ ଏହି ଯୋଜନା ମାଧ୍ୟମରେ ରାଜ୍ୟରେ ୧୦ ହଜାର ୫୦୦ ହେକ୍ଟରର ଜମିରେ ତାଳତେଲ ଚାଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ଦୁଇବର୍ଷ ମଧ୍ୟରେ ରାଜ୍ୟରେ ପ୍ରାୟ ୯୫୦ ହେକଫର ଜମିରେ ତାଳତେଲ ଚାଷ କରାଯାଇଛି । ଚଳିତ ବର୍ଷ ରାଜ୍ୟରେ ୧୧୦୦ ହେକ୍ଟର ଏବଂ ଆଗାମୀ ଦୁଇ ବର୍ଷରେ ୫ ହଜାର ହେକ୍ଟର ଜମିରେ କ୍ଲଷ୍ଟର ଭିତ୍ତିରେ ତାଳତେଲ ଚାଷ କରିବା ପାଇଁ ଯୋଜନା ରହିଛି । ବୁଝାମଣାପତ୍ର ଅନୁଯାୟୀ ଆବଂଟିତ କରାଯାଇଥିବା ଜିଲ୍ଲାରେ ଉକ୍ତ କମ୍ପାନୀଗୁଡ଼ିକ ବିହନ ବଗିଚା ପ୍ରତିଷ୍ଠା, ନର୍ସରୀ ସ୍ଥାପନ ମାଧ୍ୟମରେ ତାଳତେଲ ଚାରାର ଉତ୍ପାଦନ, କ୍ଷେତ୍ର ସଂପ୍ରସାରଣ କରିବା ସହିତ ଅତି କମ୍ ରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ତାଳତେଲ ଉତ୍ପାଦନ କାରଖାନା ସ୍ଥାପନ କରିବେ । ଏତଦ୍ ବ୍ୟତୀତ, ରାଜ୍ୟ ସରକାର ତାଳତେଲ କମ୍ପାନୀମାନଙ୍କ ସହଯୋଗରେ ତାଳତେଲ ବଗିଚାକୁ ସୁରକ୍ଷିତ ରଖିବା ପାଇଁ ବାଡ ବ୍ୟବସ୍ଥା, ମକା, ମିଲେଟ୍, ପନିପରିବା, ବନ୍ଧାକୋବି ଏବଂ କପା ଇତ୍ୟାଦି ଅନ୍ତଃଫସଲ ଚାଷ ଏବଂ ଅଣୁ ଜଳସେଚନ ବ୍ୟବସ୍ଥା କରିବେ । ରାଜ୍ୟର କୃଷକ ହିତାଧିକାରୀଙ୍କୁ ବୃକ୍ଷରୋପଣ ସମୟରେ ହେକଫର ପିଛା ୨୯ ହଜାର ଟଙ୍କା ପର୍ଯ୍ୟନ୍ତ କେନ୍ଦ୍ରୀୟ ଯୋଜନା ଅଧିନରେ ସହାୟତା ଯୋଗାଇ ଦିଆଯିବ । ଅମଳ ହୋଇଥିବା ସତେଜ ଫଳ କାନ୍ଧିଗୁଡ଼ିକୁ ତାଳତେଲ କମ୍ପାନୀଗୁଡ଼ିକ ସରକାରୀ ଘୋଷିତ ମୂଲ୍ୟରେ ଡିବିଟି ମାଧ୍ୟମରେ କ୍ରୟ କରିବେ ଏବଂ ସୂତ୍ର ମୂଲ୍ୟ, ଘୋଷିତ ମୂଲ୍ୟଠାରୁ କମ୍ ହେଲେ ଭାଏବୁଲ୍ ଗ୍ୟାପ୍ ପ୍ରାଇସ୍ ମାଧ୍ୟମରେ ଅଧିକ ସହାୟତା କରାଯିବ । ସୂଚନାଯୋଗ୍ୟ ଯେ ଭାରତ ବିଶ୍ୱ ବଜାରରେ ଖାଇବା ତେଲର ବୃହତ୍ତମ ଆମଦାନୀକାରୀ ରାଷ୍ଟ୍ର । ୨୦୨୦-୨୧ ମସିହାରେ ଭାରତ ପ୍ରାୟ ୧୩୩.୫୦ ଲକ୍ଷ ଟନ୍ ଖାଇବା ତେଲ ଆମଦାନୀ କରିଥିଲା । ସେଥି ମଧ୍ୟରୁ ତାଳତେଲର ଅଂଶ ପ୍ରାୟ ୫୬ ପ୍ରତିଶତ ଅଟେ ।

ବୁଧବାର, ମଇ ୩୧, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରକ୍ତଦାନ କରନ୍ତୁ ଅନ୍ୟର ଜୀବନ ବଂଚାନ୍ତୁ : ବିରେନ୍ଦ୍ର ମଢ଼େଇ

ଉଦଳା, ୩୦/୦୫ (ନି.ପ୍ର):- ମୟୂରଭ କାଇ ସୋସାଇଟି ଓ ଯୁବ ବାଥୁଡ଼ି ସମାଜ ଉଦଳାଙ୍କ ମିଳିତ ସହଯୋଗରେ ଜୁନ ୪ ତାରିଖ ରବିବାର ଦିନ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଉଛି । ଉକ୍ତ ଶିବିରରେ ବହୁ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବାକୁ ଯୁବ ବାଥୁଡ଼ି ସମାଜର ସଭାପତି ବିରେନ୍ଦ୍ରନାଥ ମଢ଼େଇ ଅନୁରୋଧ ଜଣାଇଛନ୍ତି । ୧୮ ବର୍ଷ ବୟସରୁ ୬୦ ବର୍ଷ ବୟସ୍କ ପର୍ଯ୍ୟନ୍ତ ସମସ୍ତ ସୁସ୍ଥ ସବଳ ବ୍ୟକ୍ତି ଯାହାଙ୍କ ଓଜନ ୪୫ କିଲୋଗ୍ରାମରୁ କମ୍ ହୋଇନଥିବ ସେ ରକ୍ତଦାନ କରିପାରିବେ ବୋଲି ଶିବିର ଆୟୋଜନର ନେତୃତ୍ୱ ନେଉଥିବା ସ୍ୱେଚ୍ଛାସେବୀ ପରମାନନ୍ଦ ଖଣ୍ଡେଇ ଜଣାଇଛନ୍ତି । ସେହିପରି ରକ୍ତର କୌଣସି ବିକଳ୍ପ ଏପର୍ଯ୍ୟନ୍ତ ତିଆରି ହୋଇ ନାହିଁ, ଏହା ଜଣେ ଦାନ କଲେ ଆଉ ଜଣେ ପାଇଥାଏ, ତେଣୁ ରକ୍ତଦାନ ଜୀବନ ଦାନ ବୋଲି କାଇ ସୋସାଇଟିର ପ୍ରତିଷ୍ଠାତା ଇଂ. ନୟାଧର ପଡ଼ିଆଳ କହିଛନ୍ତି । ଶିବିର ପରିଚାଳନା ଦାୟିତ୍ୱରେ ଥିବା ଯୁବ ବାଥୁଡ଼ି ସମାଜର ସମ୍ପାଦକ ଚନ୍ଦନ ସେନାପତି ଓ ଉପସଭାପତି ରମେଶ ଖଣ୍ଡେଇ ଶିବିର ସମ୍ପର୍କରେ ଅଧିକ କିଛି ଜାଣିବା ପାଇଁ ଚାହିଁଲେ ମୋବାଇଲ ନଂ-୮୮୯୫୨୦୨୨୬୯ ସହିତ ଯୋଗାଯୋଗ କରିବାକୁ ସୂଚନା ପ୍ରଦାନ କରିଛନ୍ତି ।




## ଛା ଉନ୍ନୟନ ପରିଷଦ ସହିତ ଗ୍ରାଉଣ୍ଡ ଜିରୋରେ ସମୀକ୍ଷା କଲେ ପୌରପାଳ

### ♦ଡିସେମ୍ବର ସୁଦ୍ଧା ଛା ବାସୀ ପାଇବେ ସମସ୍ତ ମୌଳିକ ସୁବିଧା-କୃଷ୍ଣାନନ୍ଦ
### ♦ପରିଷଦ ପକ୍ଷରୁ ନଗରପାଳ ଓ କାଉନସିଲରଙ୍କୁ ନାଗରିକ ସମ୍ବର୍ଦ୍ଧନା



ବାରିପଦା,୨୯/୫(ଆପ୍ର): ପାଲବଣୀ ନିକୋଫ୍ୟାକ୍ଟ୍ରି ପଛରେ ବସବାସ କରୁଥିବା ବାସିନ୍ଦାଙ୍କୁ ନେଇ ଗଠିତ ହୋଇଥିବା ଛାଞ୍ଚ ଉନ୍ନୟନ ପରିଷଦ ର କର୍ମକର୍ତ୍ତାଙ୍କ ସହିତ ଗ୍ରାଉଣ୍ଡଜିରୋରେ ବିଭିନ୍ନ ସମସ୍ୟା ସଂପର୍କରେ ପୌରପାଳ କୃଷ୍ଣାନନ୍ଦ ମହାନ୍ତି ସମୀକ୍ଷା କରିଛନ୍ତି । ଛାଞ୍ଚ ଉନ୍ନୟନ ପରିଷଦ ଦ୍ୱାରା ଆମନ୍ତ୍ରିତ ହୋଇ ପୌରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ସ୍ଥାନୀୟ ୨୫ନମ୍ବର ୱାର୍ଡର କାଉନସିଲର ଦେବାଶିଷ ପାତ୍ର ସଂରଚନା ଠାରେ ୱାର୍ଡବାସୀଙ୍କ ସମସ୍ୟା ଶୁଣିଥିଲେ । ରାସ୍ତାଘାଟ ଠୁ ଆରମ୍ଭ କରି ଡ୍ରେନ, ପାନୀୟଜଳ, ବିଦ୍ୟୁତ ବିଭ୍ରାଟ ଏମିତି ଅନେକ ସମସ୍ୟାରେ ଜର୍ଜରିତ ହେଉଥିବା ଏହି ଅଞ୍ଚଳବାସୀ ତାଙ୍କର ଦୁଃଖଦୁର୍ଦ୍ଦଶା ସଂପର୍କରେ ପୌରପାଳ ଏବଂ କାଉନସିଲର ମହୋଦୟଙ୍କୁ ଗୋଟି ଗୋଟି କରି ଅବଗତ କରାଇଥିଲେ । ଛାଞ୍ଚ ଉନ୍ନୟନ ପରିଷଦର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ସୟ କୁମାର ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ ସହିତ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ନିକୋପଛ ପଟର ସର୍ବାଙ୍ଗୀନ ଉନ୍ନତି ସହିତ ଏହି ଅଞ୍ଚଳକୁ କଲ୍ୟାଣ ନଗର ନାମରେ ନାମିତ କରିବା ପ୍ରସ୍ତାବ ଉପରେ ନଗରପାଳ ସହମତି ପ୍ରଦାନ କରିଥିଲେ । ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଖୁବ୍ ଶୀଘ୍ର ବିକଳ୍ପ ବ୍ୟବସ୍ଥା ସ୍ୱରୁପ ଏକ ନୂତନ ପମ୍ପହାଉସ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ସହିତ ନିକୋ ପାଚେରୀକଡ ଓ ଟ୍ରେନ ଲାଇନ କଡେ କଡେ ରଙ୍ଗାମାଟିଆ ପର୍ଯ୍ୟନ୍ତ ରାସ୍ତାକୁ ବର୍ଷାଦିନ ପୂର୍ବରୁ ମୋରମ ମେଟାଲିଂ କରିବାକୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଏଥି ସହିତ ନିକୋ ପଛ ରାସ୍ତା ଠାରୁ ସିଲଭର ଫ୍ୟାକ୍ଟ୍ରି ରାସ୍ତାକୁ ସ୍ମାର୍ଟ ଅର୍ବାନ ରୋଡ ଏକଜ୍ୟୁକେସନ ଯୋଜନାରେ ନବୀକରଣ, ବିଭିନ୍ନ ଗଳିକନ୍ଦି ରାସ୍ତାକୁ ଡ୍ରେନେଜ ବ୍ୟବସ୍ଥା ସହିତ ଯାତାୟାତ ଉପଯୋଗୀ କରିବା, ସହର ନବୀକରଣ ପ୍ରକ୍ରିୟାରେ ଏକ ପାର୍କ, ଓପନଏୟାର ଜିମ୍, କମ୍ୟୁନିଟି ହଲ,ଜଳାଶୟର ପୁନଃଉଦ୍ଧାର, ଶ୍ମଶାନ ଘାଟ ନିର୍ମାଣ, ପାଣିପାଇପ୍ ସଂଯୋଗ ହୋଇ ନଥିବା ଗଳିକୁ ତୁରନ୍ତ ପାଣି ପାଇପ୍ ବିଛାଯିବା, ଷ୍ଟ୍ରିଟଲାଇଟ୍ ବ୍ୟବସ୍ଥା ନଥିବା ଗଳିରେ ଲାଇଟ୍ ବ୍ୟବସ୍ଥା, ଥ୍ରିଫେଜ କନେକସନ ବ୍ୟବସ୍ଥା, ବିଦ୍ୟୁତ ବିଭ୍ରାଟର ସମାଧାନ ପାଇଁ ରୁରାଲ ଫିଡରରୁ ଅର୍ବାନ ଫିଡରକୁ ଆଣିବାକୁ ବ୍ୟବସ୍ଥା ଏବଂ ବାୟପାସ ନିକଟରେ ଏକ ଅଣ୍ଡର ପାଶ କରାଯିବାକୁ ହୋଇଥିବା ଦାବି ଉପରେ ନିଶ୍ଚିତ ଅର୍ଥରେ ପଦକ୍ଷେପ ନିଆ ଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ଉଭୟ ପୌରପାଳ ଏବଂ କାଉନସିଲର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ଛାଞ୍ଚ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ହୋଇଯିବ ବୋଲି ପୌରପାଳ ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଛାଞ୍ଚ ଉନ୍ନୟନ ପରିଷଦ ପକ୍ଷରୁ ପୌରପାଳ ଶ୍ରୀ ମହାନ୍ତି ଏବଂ କାଉନସିଲର ଶ୍ରୀ ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ଉଭୟ ପୌରପାଳ ଏବଂ କାଉନସିଲର ସ୍ଥାନୀୟ ଅଞ୍ଚଳ ବୁଲି ଦେଖିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶ୍ରୀକାନ୍ତ ବେହେରା, ରବୀନ୍ଦ୍ର କୁମାର ପୁହାଣ, ଉପସଭାପତି ଅଶୋକ କୁମାର ମଣ୍ଡଳ, ଯୁଗ୍ମ ସଂପାଦକ ନୀଳରତ୍ନ କଲିଆ, ସଂଯୋଜକ ଦେବବ୍ରତ ସାମଲ, ସହ ସଂଯୋଜକ ପ୍ରଭାସ କୁମାର ଦ୍ୱିବେଦୀ, କୋଷାଧ୍ୟକ୍ଷ ତାପସ କୁମାର ନାୟକ, ସହ କୋଷାଧ୍ୟକ୍ଷ ମାନସ କୁମାର ବାରିକ୍, ସଦସ୍ୟ ସୁଦର୍ଶନ ନାୟକ, ବୃନ୍ଦାବନ ପଣ୍ଡା, ଗୟାରାମ ଜେନା ପ୍ରମୁଖ ଅଂଶ ଗ୍ରହଣ କରି ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ । ଶେଷରେ ପରିଷଦର ବରିଷ୍ଠ ସଦସ୍ୟ ବାମନ ଚରଣ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ମିଲେଟ ବର୍ଷ ପାଳନ ଅବସରରେ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ




ବାରିପଦା , ୨୯/୦୫ (ନି.ପ୍ର): ଓଡିଶା ମିଲେଟ ମିଶନ ଓ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ତଥା ଜିଲ୍ଲା କ୍ରୀଡା ବିଭାଗର ସହଯୋଗରେ ଇନଡର ଷ୍ଟାଡିୟମରେ ଗତକାଲି ସନ୍ଧ୍ୟାରେ ବିଶ୍ୱ ମିଲେଟ ବର୍ଷ - ୨୦୨୩ ପାଳନ ଅବସରରେ ଏକ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ସ୍ମୃତିରଞ୍ଜନ ସ୍ୱାଇଁ ଓ ମଞ୍ଜିତ ସିଂହଙ୍କ ଯୋଡ଼ି ଓମ ପ୍ରକାଶ ବେହେରା ଓ କୀର୍ତ୍ତିମୟ ମୁଖିଙ୍କ ଯୋଡିକୁ ପରାସ୍ତ କରି ଚମ୍ପିୟାନ ହୋଇଥିଲେ ଓ ଉମାଶଙ୍କର ମହାନ୍ତ ଓ ନିଶାନ୍ତ ରାମ ଖେଳ ପରିଚାଳନା କରିଥିଲେ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପୁରସ୍କାର ବିତରଣ କରିବା ସହ ମାଣ୍ଡିଆ ଜାତୀୟ ଖାଦ୍ୟ ବେଶ ସ୍ୱାସ୍ଥ୍ୟକର ଓ ପୁଷ୍ଟିକର ହୋଇଥିବାରୁ ଖେଳାଳି ମାନଙ୍କ ପାଇଁ ଏହା ବେଶ ଉପଯୋଗୀ ବୋଲି କହିଥିଲେ ଓ ଅନ୍ୟ ମାନଙ୍କ ମଧରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଗୋଷ୍ଠୀ କୃଷି ଅଧିକାରୀ ଗାୟତ୍ରୀ ଟୁଡ୍ଡୁ, ବିଶିଷ୍ଟ ଫୁଟବଲ ଖେଳାଳି ପରେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ ଓ କ୍ରୀଡ଼ାବିତ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଓ ଉଦୀୟମାନ ଖେଳାଳି ଭାବେ ଆୟୁଷ କୁମାର ମାଝୀ, ସତ୍ୟବ୍ରତ ମିଶ୍ର, ଅବିନାଶ ପାତ୍ର, ଜୟଜିତ ଦାସ, ଦେବାଶିଷ ମାଝୀ ଓ ପୁଙ୍ଗା ଖେରୱାଲ ସୋରେନଙ୍କୁ ମଧ ପୁରସ୍କୃତ କରାଯାଇଥିଲା ।

## ସ୍ତ୍ରୀକୁ ହାଣିବା ପରେ ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ , ୩୦/୦୫ (ନି.ପ୍ର): ସ୍ତ୍ରୀକୁ ହାଣିବା ପରେ ସ୍ୱାମୀର ଆତ୍ମହତ୍ୟା । ପାରିବାରିକ କଳହ ର କରୁଣ ପରିସ୍ଥିତି । ନିଜ ସ୍ତ୍ରୀ ବେକ କୁ କଟୁରୀ ରେ କାଟି ହତ୍ୟା କରିଲା ପରେ ନିଜେ ସ୍ୱାମୀ ଗଛ ରେ ରସି ଲଗାଇ କରିଛି ଆତ୍ମହତ୍ୟା ।ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲାର ଧାମନଗର ଥାନା ଅଧିନସ୍ଥ ମୁଲଣା ସାହି ଗ୍ରାମରେ । ଏଠାରେ ଗତ କାଲି ରାତିରେ ପାରିବାରିକ କଳହ ଯୋଗୁ ଭାସ୍କର ସାମଲ ନାମକ ଜଣେ ଯୁବକ ନିଜ ସ୍ତ୍ରୀ ସସ୍ମିତା କୁ ନିଜ ଶୋଇବା ଘର ଭିତରେ କଟୁରୀରେ ତାର ବେକ କୁ କାଟି ହତ୍ୟା କଲା ପରେ ନିଜେ ଗାଁ ପାଖ ବିଲରେ ଥିବା ଏକ ଗଛ ରେ ରସି ଲଗାଇ ଆତ୍ମହତ୍ୟା କରିଛି । ଏହି ଘଟଣା ଗ୍ରାମବାସୀ ମାନେ ଜାଣି ଲା ପରେ ଧାମନଗର ପୋଲିସ କୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପୋଲିସ ପହଂଚି ଶବ ଦୁଇ ଟିକୁ ଜବତ କରିବା ସହିତ ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ ଡକାଇଛନ୍ତି ଏହାର ଅଧିକ ତଦନ୍ତ ପାଇଁ । ତେବେ ଭାସ୍କର ଆଜିକୁ ପ୍ରାୟ ୧୬ବର୍ଷ ପୂର୍ବରୁ ଚୁଡାକୁଟି ପଂଚାୟତ ର ସସ୍ମିତା କୁ ବିବାହ ହୋଇଥିଲେ । ସେମାନଙ୍କର ଦୁଇ ଟି ପୁଅ ମଧ ଅଛନ୍ତି । ତେବେ ବିଭିନ୍ନ ସମୟ ରେ ପାରିବାରିକ ଘଟଣା ପାଇଁ ସ୍ୱାମୀ ସ୍ତ୍ରୀ ଙ୍କ ମଧରେ କଳି ଝଗଡା ହୋଇଥାଏ । ତେବେ କାହିଁକି କେଉଁ ପରିସ୍ଥିତି ରେ ଏଭଳି କାଣ୍ଡ ଘଟିଲା ତାହା ପୋଲିସ ର ତଦନ୍ତ ପରେ ଜଣା ପଡିବ ।

## ଇଂଟରକଂଟିନେଂଟାଲ୍ କପ୍‌ର ପ୍ରଥମ ଟିକେଟ୍ କିଣିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୦୫ (ନି.ପ୍ର): ଇଂଟରକଂଟିନେଂଟାଲ୍ କପ୍ ୨୦୨୩ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଟିକେଟ୍ କିଣିଛନ୍ତି । ଭାରତୀୟ ଫୁଟବଲ ଦଳର କ୍ୟାପଟେନ ସୁନୀଲ ଛେତ୍ରୀ କଳିଙ୍ଗା ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଏହି ଇଭେଂଟର ପ୍ରଥମ ଟିକେଟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପ୍ରଦାନ କରିଛନ୍ତି । ଏହି ଅବସରରେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ ସାଧାରଣସମ୍ପାଦକ ସାଜି ପ୍ରଭାକରନ୍ ଓ ଭାରତୀୟ ଫୁଟବଲ ଟିମ୍ ର କୋଚ୍ ଇଗୋର ଷ୍ଟିମାକ୍ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ପ୍ରଥମ ଥର ପାଇଁ ଓଡିଶା ଅନ୍ତର୍ଜାତୀୟ ପୁରୁଷ ଫୁଟବଲ ଟୁର୍ଣ୍ଣାମେଂଟ ଆୟୋଜନ କରିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ରେ ଜୁନ୍ ୯ ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଇଭେଂଟ ଅନୁଷ୍ଠିତ ହେବ ।

## ବିଭିନ୍ନ ଦାବି ନେଇ ମଧ୍ୟାହ୍ନ ଭୋଜନ କର୍ମୀ ଓ ସହାୟିକାଙ୍କ ବିକ୍ଷୋଭ




ବାଲେଶ୍ୱର, ୩୦/୦୫ (ନି.ପ୍ର): ବିଭିନ୍ନ ଦାବି ନେଇ ସିଆଇଟିୟୁ ସହ ଅନୁବନ୍ଧିତ ବାଲେଶ୍ୱର ଜିଲା ମଧ୍ୟାହ୍ନ ଭୋଜନ କର୍ମୀ ଓ ସହାୟିକା ସଂଘ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶିତ କରାଯାଇଛି । ମଧ୍ୟାହ୍ନ ଭୋଜନ କର୍ମୀ ଓ ସହାୟିକାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମରେ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ଈଷାଣୀ ଷଡ଼ଙ୍ଗୀ, ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ସିଆଇଟିୟୁର ଜିଲା ଆବାହକ ବିଜୟ ପାତ୍ର, ରାଜ କିଶୋର ଲେଙ୍କା, ମଧ୍ୟାହ୍ନ ଭୋଜନ କର୍ମୀ ଓ ସହାୟିକା ସଂଘ ଜିଲା ସମ୍ପାଦିକା ପୂର୍ଣ୍ଣିମା ବେହେରା ପ୍ରମୁଖ ଯୋଗଦେଇ ମଧ୍ୟାହ୍ନ ଭୋଜନ କର୍ମୀ ଓ ସହାୟିକାଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ । ବିଶେଷ କରି ମହିଳା ସ୍କିମ୍ ୱାର୍କର୍ସଙ୍କ ବିପନ୍ନ ସାମାଜିକ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ବକ୍ତାମାନେ କହିଥିଲେ । ମହିଳା କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସର୍ବନିମ୍ନ ମାସିକ ୨୬,୦୦୦ ଟଙ୍କା ଦରମା, ଅବସର ବୟସ ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଅବସର ପରେ ସମସ୍ତଙ୍କୁ ପେନସନ ପ୍ରଦାନ, ଛଟେଇ କର୍ମୀ ଓ ସହାୟିକାଙ୍କୁ ପୁନଃ ନିଯୁକ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୮ ମାସର ବକେୟା ଭତ୍ତା ତୁରନ୍ତ ପ୍ରଦାନ, ପ୍ରତିମାସ ଧାର୍ଯ୍ୟ ସମୟରେ ଦରମା ପ୍ରଦାନ, ପିଏଫ୍, ଇଏସଆଇ ଓ ଭବିଷ୍ୟନିଧି ପାଣ୍ଠିଭୁକ୍ତ ପାଇଁ ସେମାନେ ଦାବି କରିଥିଲେ । ଦାବି ପୂରଣରେ ସରକାରଙ୍କ କାଳକ୍ଷେପଣ ନୀତି ବିରୋଧରେ ଆସନ୍ତା ଜୁନ ୭ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିକ୍ଷୋଭରେ ସାମିଲ ହେବା ପାଇଁ ବକ୍ତାମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସଂଘର ଏକ ପ୍ରତିନିଧି ଦଳ ଜିଲା ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ ସହ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଞ୍ଜୁଲତା ପ୍ରଧାନ, ଦ୍ରୌପଦୀ ସାହୁ, କନକଲତା ଦାସ, ସରୋଜିନୀ ପ୍ରଧାନ, ବସନ୍ତ ପ୍ରଧାନ, ସୁଶୀଳା ପାଣିଗ୍ରାହୀ, ଉମାକାନ୍ତ ବେହେରା, ଉଷାରାଣୀ ବେହେରା, ଆଦିକନ୍ଦ ପାଳ, ବିନୋଦିନୀ ପଣ୍ଡା, କବିତା ମଲ୍ଲିକ, ରାମଶଙ୍କର ଜେନା, ସବିତା ସାହୁ, ନିରଞ୍ଜନ ସାହୁ, ଗୀତା ଦାସ, ଜଞ୍ଜାଳୀ ସାମଲ, ସୁଶାନ୍ତ ସାହୁ, ଶ୍ୟାମସୁନ୍ଦର ଜେନା, ପୁତୁଲୁ ଦାସ ପ୍ରମୁଖ କର୍ମକର୍ତ୍ତାମାନେ ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପରିଚଳନା କରିଥିଲେ ।

## ଟାଟା ପାୱାର ଅଫିସରକୁ ଆକ୍ରମଣ: ଥାନାରେ ଅଭିଯୋଗ

ବସ୍ତା, ୩୦/୦୫ (ନି.ପ୍ର): ବାହାର୍ଦ୍ଦା ଇଲେକ୍ଟ୍ରିକାଲ ସବଡିଭିଜନ ଅଫିସରେ ଟାଟା ପାୱାର ଅଫିସର କୁ ଆକ୍ରମଣ ଘେନି ଥାନାରେ ଅଭିଯୋଗ ହୋଇଛି । ଘଟଣା ରୁ ପ୍ରକାଶ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅର୍ନ୍ତଗତ ବାଉଁଶ ମୁଖା ଗ୍ରାମର ଦିଲ୍ଲୀପ ଜେନା ନୂତନ ବିଦ୍ୟୁତ ସଂଯୋଗ ପାଇଁ ଏକ ମାସ ତଳେ ଅନଲାଇନ ପୋର୍ଟାଲ ରେ ଆବେଦନ କରିଥିଲେ । ଆବେଦନ ର ତଦନ୍ତ ପାଇଁ ଏସ ସିଓ ଉକ୍ତ ଲୋକଙ୍କ ଘରକୁ ଯାଇଥିଲେ । ମଙ୍ଗଳବାର ଅପରାହ୍ନ ସମୟରେ ଦିଲ୍ଲୀପ ଜେନା ଭାଇ ମଧୁସୂଦନ ଜେନା ଉକ୍ତ ଘଟଣା କୁ କେନ୍ଦ୍ରକରି ଇଲେକ୍ଟ୍ରିକାଲ ସବଡିଭିଜନ ଅଫିସ ରେ ପହଞ୍ଚି ଅତର୍କିତ ଭାବେ ଏସ ସିଓ ଗୋଲାମ ମୋହିଉଦ୍ଦିନ କୁ ନାନାଦି ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ ହୋଇଥିବା ନେଇ ବସ୍ତା ଥାନା ରେ ଲିଖିତ ଅଭିଯୋଗ ହୋଇଛି । ପୁଲିସ ଅଭିଯୋଗ ପାଇ ଘଟଣା ର ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ସାମ୍ପ୍ରତିକ ପରିସ୍ଥିତିରେ ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶର ଆବଶ୍ୟକତା ସଂକ୍ରାନ୍ତରେ ଆଲୋଚନା ଚକ୍ର




ଖଇରା, ୨୯/୦୫ (ନି.ପ୍ର): ଖଇରା ବ୍ଲକ ଆଳଦା ସ୍ଥିତ ଅଗ୍ରଣୀ ଏକ୍ସଲ୍ୟାଣ୍ଟକମ୍ପ୍ୟୁଟର ଶିକ୍ଷା କେନ୍ଦ୍ରରେ ସାମ୍ପ୍ରତିକ ପରିସ୍ଥିତିରେ ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶର ଆବଶ୍ୟକତା ସଂକ୍ରାନ୍ତରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା ଚକ୍ରରେ ଅନୁଷ୍ଠାନର ଅଧ୍ୟାପକ ଶୁଶାନ୍ତ କୁମାର ଶଙ୍ଖୁଆ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସଞ୍ଜୟ କୁମାର ପଣ୍ଡା ପରିଚାଳନା କରିଥିଲେ । ଶ୍ରୀ ପଣ୍ଡା ତାଙ୍କ ବକ୍ତବ୍ୟରେ ଦୀର୍ଘ ୨୦ ବର୍ଷର ଅନୁଷ୍ଠାନ ଉଥାନ ପତନ ଉପରେ ଆଲୋକପାତ କରିଥିଲେ । ଆଜିକା ଦିନରେ କମ୍ପ୍ୟୁଟର ର ସଠିକ ପ୍ରମାଣ ପତ୍ରର ଅବଶ୍ୟକତା ଯାହାକି ଉଭୟ ସରକାରୀ ଓ ବେସରକାରୀ ଚାକିରୀ ରେ ବହୁତ ଆବଶ୍ୟକତା ରହିଛି ବୋଲିସୂଚନା ଦେଇଥିଲେ । ମୁଖ୍ୟ ଆତିଥି ଭାବେ ଓକେସିଏଲ ର ବାଲେଶ୍ୱର ଜିଲା ସଂଯୋଜକ ସୁବ୍ରତ କୁମାର ପତ୍ରୀ ଯୋଗଦେଇ ସମଗ୍ର ରାଜ୍ୟରେ ଓଡିଶା ସରକାରଙ୍କ ସିକୃତି ପ୍ରାପ୍ତ ଓ ସମ୍ବଲପୁର ମୁକ୍ତ ବିଦ୍ୟାଳୟର ମାନ୍ୟତା ପ୍ରାପ୍ତ ପଠ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ । ଓକେସିଏଲ ରାଜ୍ୟର କୌଶଳ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ କରିବା ସହିତ ସ୍ୱଳ୍ପ ମୂଲ୍ୟରେ ଉଚ୍ଚ ମାନର ଶିକ୍ଷାଦାନ କରୁ ଅଛି ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଯୁକ୍ତି ଶିକ୍ଷାବିତ ବିଶ୍ୱଜିତ ଦାଶ ଯୋଗଦେଇ ବର୍ତ୍ତମାନ ଚାକିରୀ ଓ ବ୍ୟବସାୟ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ଏନଏସଡିସି ଦ୍ୱାରା ଯାହାକି ସର୍ବଭାରତୀୟ ସ୍ତରରେ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ଏଥିରେ ଶତାଧିକ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ସବୀତା ସେଣ୍ଠ,ଉର୍ବସୀ ଦାସ,ଶକୁନ୍ତଳା ଦାସ ଉପସ୍ଥିତ ରହି ସାହର୍ଯ୍ୟ କରିଥିଲେ । ଶେଷରେ ଅନୁଷ୍ଠାନର ପରିଚାଳକ ଧନଞ୍ଜୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମନ୍ତ୍ର ଉଚ୍ଚାରଣରେ ଚାଲିଛି ଲକ୍ଷ୍ମୀମନ୍ଦିର ପ୍ରତିଷ୍ଠା ଉତ୍ସବ



ନୀଳଗିରି , ୩୦/୦୫ (ନି.ପ୍ର): ଓଡିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ପରିସରରେ ମା ଲକ୍ଷ୍ମୀ ମନ୍ଦିରଟିଏ ନଥିଲା । ଶ୍ରୀହୀନ ଦେଖାଯାଉଥିବା ମନ୍ଦିରଟିକୁ ନୀଳଗିରି ର ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ କିଛି ବଦାନ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏକ ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ ଲକ୍ଷ୍ମୀ ମନ୍ଦିର ଗଢି ଏହାର ପ୍ରତିଷ୍ଠା କାର୍ଯ୍ୟ ଗତ ୨୮ତାରିଖ ଠାରୁ ଆରମ୍ଭ ହୋଇଛି । ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହିକାର୍ଯ୍ୟକ୍ରମରେ ସୋମବାର ପୁରୀ ଜଗନ୍ନାଥ ଧାମରୁ ବହୁ ବିଦ୍ୱାନ ବ୍ୟକ୍ତି ଯୋଗ ଦେଇଥିଲେକ୍ଷ ଏମାନଙ୍କ ମଧରେ ନୀଳଗିରି ର ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ରାଣୀ ଶ୍ରୀମତୀ ମନୋଜା ମଞ୍ଜରୀ ଦେବୀ, ମୁଖ୍ୟ ଆକର୍ଷଣ ଭାବରେ ଶ୍ରୀକ୍ଷେତ୍ର ଧାମର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ମହାଭାଗ, ପାଟଯୋଶୀ ଙ୍କର କୁଳଗୁରୁ, ସେବାୟତ ଜୟ ନାରାୟଣ ମହାଭାଗ, ସେବାୟତ ନୀଳମଣି ଗୁରୁ ମହାଭାଗ, ଜୟନ୍ତ ମହାଶୂଆର, ଆଜିର ପ୍ରବଚକ ସ୍ୱାମୀ ଶୁଭାନନ୍ଦ ମହାରାଜ, ବାବାଜୀ ସନସୁଜାତା ନନ୍ଦ, ଓଡ଼ିଶା ମଠ ମନ୍ଦିର ସଂସ୍କୃତିର ସମ୍ପାଦକ ପଣ୍ଡିତ କାମେଶ୍ୱର ତ୍ରିପାଠୀ ଓ ନୀଳଗିରି ର ବ୍ରହ୍ମା ପୂଣ୍ୟଶ୍ଳୋକ ନନ୍ଦ, ସରୋଜ ନନ୍ଦ, ପ୍ରଦୀପ୍ତ ମିଶ୍ର ଙ୍କ ଉପସ୍ଥିତି ରେ ସୁସଜ୍ଜିତ ମଣ୍ଡପରେ ମନ୍ତ୍ର ଉଚ୍ଚାରଣ ସହିତ ବ୍ରାହ୍ମଣଙ୍କ ମନ୍ତ୍ରଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହେଉଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଛି କ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଖୋଳ, କୀର୍ତ୍ତନ କରି ଜୟ ଜଗନ୍ନାଥ, ଜୟ ମା ଲକ୍ଷ୍ମୀ ଧ୍ୱନି ଦେଇ ମଙ୍ଗଳବାର ପୂର୍ବାହ୍ନରେ ନୀଳଗିରି ବଡଦାଣ୍ଡ ରେ ଶୋଭାଯାତ୍ରା ରେ ଯାଇଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ପରିସରରେ ପ୍ରସାଦ ସେବନ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo